ବର୍ଷ-୨୬, ସଂଖ୍ୟା-୨୮୦
ଭୁବନେଶ୍ୱର
ଅକ୍ଟୋବର, ୧୭, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 280
Bhubaneswar
October, 17, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଭାରତୀୟ ହକି ଦଳକୁ ଭୁବନେଶ୍ୱରରେ ସମ୍ବର୍ଦ୍ଧନା

# ହକି ଟିମ୍ ଆମ ଯୁବବର୍ଗର ପ୍ରକୃତ ଆଇକନ୍ : ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର,୧୬।୧୦(ମହାଭାରତ): ଜାପାନରେ ଅନୁଷ୍ଠିତ ଏସୀଆନ୍ ଗେମ୍ସ ୨୦୨୬ରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ପୁରୁଷ ଓ ମହିଳା ଖେଳାଳୀମାନଙ୍କୁ ଆମ ଯୁବବର୍ଗର ପ୍ରକୃତ ଆଇକନ୍ (ଓଉଙଘ) ଭାବେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି । ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଦଳର ଖେଳାଳୀ, କୋଚ୍ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ପ୍ରଶଂସା କରିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛନ୍ତି।ସୂଚନା ଯୋଗ୍ୟଯେ ଏସୀଆନ୍ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ଉଭୟ ହକି ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିବା ସହ ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିଛନ୍ତି।

ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳୀଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍ଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସମୁଦାୟ ଭାବେ ଭାରତୀୟ ପୁରୁଷ ହକି ଟିମ୍ ଓ ସପୋର୍ଟ ଷ୍ଟାଫ୍ଙ୍କ ପାଇଁ ୨ କୋଟି ୭୫ ଲକ୍ଷ ଟଙ୍କା ଏବଂ ମହିଳା ହକି ଟିମ୍ ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉଭୟ ପୁରୁଷ ଓ ମହିଳା ଦଳଙ୍କୁ ଓଡିଶା ପକ୍ଷରୁ ୫.୬୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି ।ଏହା ସହିତ ଭାରତୀୟ ଦଳର ଓଡ଼ିଆ ଖେଳାଳୀ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପଙ୍କୁ ସେମାନଙ୍କର ଅସାଧାରଣ ଯୋଗଦାନ ପାଇଁ ସ୍ୱତନ୍ତ୍ର ଭାବେ ୨୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସମସ୍ତ ଖେଳାଳୀ ଆମ ଯୁବବର୍ଗର ପ୍ରକୃତ ଆଇକନ୍ । ସେମାନେ ସମଗ୍ର ଯୁବ ସମାଜର ଆଦର୍ଶ ତଥା ଭାରତର ଗର୍ବ ଓ ଗୌରବ। ୪୪ ବର୍ଷର ଦୀର୍ଘ ଅନ୍ତରାଳ ପରେ ମହିଳା ଟିମ୍‌ର ଏହି ସ୍ୱର୍ଣ୍ଣ ବିଜୟ ଦେଶର ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି ।ସୁନ୍ଦରଗଡ ଜିଲ୍ଲାରୁ ଆସିଥିବା ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପ ନିଜର ଅଦମ୍ୟ ପ୍ରତିଭା ଓ ପରିଶ୍ରମ ବଳରେ ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମହାନ କବି ସଚ୍ଚି ରାଉତରାୟଙ୍କ କବିତାକୁ ଉଦ୍ଧାର କରି କହିଥିଲେ ଯେ, ପ୍ରତିଭାବାନ୍ ବ୍ୟକ୍ତିମାନେ ଯେଉଁ ମାଟିରେ ଜନ୍ମ ନିଅନ୍ତି, ସେ ମାଟି ନିଶ୍ଚିତ ଭାବରେ ବିଶ୍ୱସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥାଏ। ଓଡ଼ିଶା ସରକାର ଜାତୀୟ ହକି ଦଳର ଅଫିସିଆଲ୍ ସ୍ପନ୍ସର୍ ଭାବେ ନିଜର ପ୍ରତିବଦ୍ଧତାକୁ ଆଗକୁ ମଧ୍ୟ ଜାରୀ ରଖିବେ। ୨୦୩୬ ଅଲମ୍ପିକ୍ସ ଗେମ୍ସକୁ ଭାରତରେ କରିବା ପାଇଁ ପ୍ରସ୍ତାବ ରହିଛି । ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ, ତେବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ, ଓଡିଶାରେ ନିଶ୍ଚିତ ଭାବରେ ହକି ଇଭେଣ୍ଟ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପୋଷଣ କରିଛନ୍ତି। ସଲିମା ଟେଟେ ଏବଂ ହରମନପ୍ରୀତ ସିଂଙ୍କ ଅସାଧାରଣ ନେତୃତ୍ୱକୁ ସେ ବହୁତ ପ୍ରଶଂସା କରିଛନ୍ତି। ସଲିମା ଟେଟେ ସ୍ମାର୍ଟ ଏବଂ ଆଧୁନିକ ସ୍ପର୍ଟ୍ସ କ୍ୟାପ୍ଟେନ୍ସିର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରି ନିଜର ଦଳକୁ ସଶକ୍ତ କରିଛନ୍ତି। ସେହିପରି କ୍ୟାପ୍ଟେନ୍ ହରମନପ୍ରୀତ ସିଂ ନିଜର ଦୃଢ଼ ସଂକଳ୍ପ ଦ୍ୱାରା ଦଳକୁ କ୍ରମାଗତ ଦ୍ୱିତୀୟ ଥର ଏସୀଆନ୍ ଗେମ୍ସ ଗୋଲ୍ଡ ମେଡାଲ ଦିଗକୁ ନେଇଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଖେଳାଳୀମାନଙ୍କୁ ଉତ୍ସାହିତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏସୀଆନ୍ ଗେମ୍ସର ପଦକ ବିଜେତାମାନଙ୍କୁ ନିଜ ବାସଭବନକୁ ନିମନ୍ତ୍ରଣ କରି ସେମାନଙ୍କ ହୋସଲା ବଢ଼ାଇଛନ୍ତି। 'ଖେଲୋ ଇଣ୍ଡିଆ' ମିଶନ ଦେଶର ପ୍ରତ୍ୟେକ କୋଣରୁ ଯୁବ ପ୍ରତିଭାମାନଙ୍କୁ ସମ୍ମୁଖକୁ ଆଣିବାରେ ଏକ ବଡ଼ ମାଧ୍ୟମ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାର କେବଳ ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମିକୁ ସୀମିତ ନରଖି ବ୍ଲକ୍ ସ୍ତରରେ ୪,୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଷ୍ଟାଡିଅମ ନିର୍ମାଣ କରୁଛନ୍ତି। ଗୋଠପାଟଣାରେ ନିର୍ମିତ ହେବାକୁ ଥିବା ୧,୦୦୦ କୋଟି ଟଙ୍କାର ଗ୍ଲୋବାଲ୍ ସ୍ପର୍ଟ୍ସ କମ୍ପ୍ଲେକ୍ସ ଏବଂ କଳିଙ୍ଗ ଷ୍ଟାଡିଅମରେ ଅନୁଷ୍ଠିତ ହେବାକୁ ଥିବା ୨୦୨୮ ୱାର୍ଲ୍ଡ ଇନ୍‌ଡୋର୍ ଆଥଲେଟିକ୍ସ ଚମ୍ପିଆନ୍‌ସିପ୍ ଓଡ଼ିଶାକୁ ବିଶ୍ୱର ପ୍ରମୁଖ ସ୍ପର୍ଟିଂ ହବ୍‌ରେ ପରିଣତ କରିବ।

# ବିଜୟ ନେଇ ଏବିଭିପି-ବିସିଜେଡି ମୁହାଁମୁହିଁ

ଭୁବନେଶ୍ୱର,୧୬।୧୦(ମହାଭାରତ): ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଆସିବା ପରେ ଏବିଭିପି ଓ ବିସିଜେଡି ଅଧିକ ଆସନ ଜିଣିଥିବା ଦାବି କରିଛନ୍ତି। ୮୧ ପ୍ରତିଶତ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ଜିତିଛୁ ବୋଲି ଏବିଭିପି ଦୃଢୋକ୍ତି ପ୍ରକାଶ କରିଛି। ୨୮୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବା ବେଳେ ୧୭୦ କଲେଜରେ ବିଜେଡି ବିଜୟ ଲାଭ କରିଛି ବୋଲି ବିଜେଡି ଦାବି କରିଛି। କ୍ୟାମ୍ପସ୍‌ରେ ଏବିଭିପିର ପ୍ରଦର୍ଶନ ବିଜେପି ଶିବିରରେ ବଢ଼ାଇଛି ଉତ୍ସାହ ବିସିଜେଡିର ପ୍ରଦର୍ଶନ ବିଜେଡିକୁ ଆଶ୍ୱସ୍ତ କରିଛି। କିନ୍ତୁ ଏନଏସୟୁଆଇର ପ୍ରଦର୍ଶନ କଂଗ୍ରେସ ପାଇଁ ବଢ଼ାଇଛି ଚିନ୍ତା । ଅନ୍ୟପକ୍ଷରେ ଆଜି ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ନୂଆ ଛାତ୍ରନେତାମାନେ ଆନୁଷ୍ଠାନିକ ଭାବେ ଶପଥ ନେଇଛନ୍ତି ।



ଛାତ୍ର ସଂସଦ ନିର୍ବାଚନରେ ମିଳିଥିବା ସଫଳତାକୁ ନେଇ ଏବିଭିପିକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କୁ ମୋର ଆନ୍ତରିକ ଅଭିନନ୍ଦନ। ଏହି ବିଜୟ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତି ଯୁବପିଢ଼ି (ଜେନ ଜି)ଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସର ପ୍ରତୀକ।

ବିଜୁ ଜନତା ଦଳ (ବିଜେଡି) ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ କଲେଜରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ସମସ୍ତ ପ୍ରାର୍ଥୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏହି ବିଜୟ ଓଡ଼ିଶାର ଜେନ୍-ଜେଡ୍ , ଯୁବ ଓ ଛାତ୍ରଶକ୍ତିଙ୍କ ନିଷ୍ଠା ଏବଂ ଏକତାକୁ ପ୍ରତିଫଳିତ କରୁଛି। ଛାତ୍ରଛାତ୍ରୀମାନେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ସଫଳତା ହାସଲ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ଅନ୍ୟାୟ ଓ ଅସାଧୁ ଉପାୟରେ ଜିତିବା ପାଇଁ ବିଜେପି ସରକାରର ଚକ୍ରାନ୍ତ ବିରୋଧରେ ଦୃଢ଼ତାର ସହ ଲଢ଼ିଥିବା ବିସିଜେଡି ତଥା ବିଜେଡିର ସମସ୍ତ ନେତାମାନଙ୍କୁ ସାଧୁବାଦ ଜଣାଇଛନ୍ତି ନବୀନ ।

୮୧ ପ୍ରତିଶତ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ଜିତିଛୁ ବୋଲି ଏବିଭିପି ଦୃଢୋକ୍ତି ପ୍ରକାଶ କରିଛି। ଏବିଭିପି ରାଜ୍ୟ ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ କରିଥିବାରୁ ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ। ୮ଟି ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ ପ୍ୟାନେଲ ଏବିଭିପି ଜିତିଛି । ଓଡ଼ିଶାର ଜେନ୍ ଜି ବିଦ୍ୟାର୍ଥୀ ପରିଷଦ ସହ ରହିଛି। ଛାତ୍ରମାନଙ୍କ ଗଣତାନ୍ତ୍ରିକ ଅଧିକାରର ବିଜୟ ହୋଇଛି। ଏବିଭିପି ପ୍ରାର୍ଥୀ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ ପାଇଁ କାର୍ଯ୍ୟ କରାଯିବ। ସେହିପରି ରମାଦେବୀ ବିଶ୍ୱବିଦ୍ୟାଳୟରେ ଫଳାଫଳ ନେଇ ସେ କହିଛନ୍ତି ପିଲାମାନଙ୍କ ଇମୋସନ ସହ ଖେଳାଯାଇଛି । ମହାପ୍ରଭୁଙ୍କ ମହାପ୍ରସାଦ ଛୁଆଁଇ ପିଲାଙ୍କୁ ଭ୍ରମିତ କରାଯାଇଛି.। ତଥ୍ୟ ଅନୁଯାୟୀ, ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ୮ଟିରେ ଏବିଭିପି କ୍ଲିନ୍ ସୁଇପ୍ କରିଛି। ଏଥିସହ ୮ଟି ସଭାପତି, ୮ଟି ଉପସଭାପତି, ୧୦ଟି ସମ୍ପାଦକ ଏବଂ ୧୧ଟି ସହକାରୀ ସାଧାରଣ ସମ୍ପାଦକ ପଦରେ ବିଜୟ ହାସଲ କରିଛି ।ଏହି ବିଜୟ ଗଣତନ୍ତ୍ର ଓ ରାଷ୍ଟ୍ରବାଦୀ ବିଚାରର ବିଜୟ। ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଅଧିକାର ପାଇଁ ସଂଗଠନ ସବୁବେଳେ କ୍ୟାମ୍ପସରେ କାର୍ଯ୍ୟ କରିଆସୁଛି ଏବଂ ଆଗକୁ ମଧ୍ୟ ୩୬୫ ଦିନ ଛାତ୍ରଛାତ୍ରୀଙ୍କ ସହ ରହି କାମ କରିବ ।

ବିଜେଡି ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଛାତ୍ର ସଂସଦ ନିର୍ବାଚନରେ ଛାତ୍ରଛାତ୍ରୀ ମାନେ ବିଜେଡି ପ୍ରତି ବିପୁଳ ସମର୍ଥନ ଜଣାଇଛନ୍ତି । ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିସିଜେଡି ବଡ ବିଜୟ ହାସଲ କରିଛି । ରାଜ୍ୟର ୨୮୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବା ବେଳେ ୧୭୦ କଲେଜରେ ବିଜେଡି ବିଜୟ ଲାଭ କରିଛି । ବିଜେପି ନିଜ ପରାଜୟକୁ ସ୍ୱୀକାର କରିପାରୁ ନାହିଁ । ବିଜେପି ସରକାର ଜେନ ଜି ମାନଙ୍କ ସମ୍ମୁଖରେ ମିଛ କହିବା ବନ୍ଦ କରନ୍ତୁ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛାତ୍ର ସଂସଦ ନିର୍ବାଚନର ବିଜୟୀ ପ୍ରାର୍ଥୀ



ଭୁବନେଶ୍ୱର,୧୬।୧୦(ମହାଭାରତ): ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଛାତ୍ର ସଂସଦ ନିର୍ବାଚନର ବିଜୟୀ ପ୍ରାର୍ଥୀ। ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ଛାତ୍ର ପ୍ରତିନିଧିମାନେ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ୍ କରିଛନ୍ତି। ଏହି ସାକ୍ଷାତ୍‌କାର ସମୟରେ ଛାତ୍ର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିଛନ୍ତି। ଆଲୋଚନା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନବ ନିର୍ବାଚିତ ଛାତ୍ର ପ୍ରତିନିଧିମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କରିବେ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ କ୍ୟାମ୍ପସରେ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ଓ ଶିକ୍ଷାନୁଷ୍ଠାନର ବିକାଶ ଦିଗରେ ସକ୍ରିୟ ଯୋଗଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେବା ସହ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ମତ ରଖିଛନ୍ତି ବିଜୟୀ ପ୍ରାର୍ଥୀ।

ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ସଫଳତାର ସହ ଶେଷ ହେବା ପରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆରେ ଏକ ବାର୍ତ୍ତା ଜରିଆରେ ସେ ବିଜୟୀ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ କ୍ୟାମ୍ପସରେ ଗଣତାନ୍ତ୍ରିକ ପରମ୍ପରାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ବାର୍ତ୍ତାରେ କହିଛନ୍ତି ଯେ, ପୂର୍ବ ସରକାର ନିଜର ରାଜନୈତିକ ସ୍ୱାର୍ଥ ପାଇଁ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରଖି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଚାପି ଦେଇଥିଲେ। ତେବେ ଛାତ୍ର ସମାଜକୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରି ବର୍ତ୍ତମାନର ସରକାର ସଫଳତାର ସହ ନିର୍ବାଚନ ପରିଚାଳନା କରିଛନ୍ତି ଏବଂ କ୍ୟାମ୍ପସରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

# ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପୂଜା ଭେଟି

ଭୁବନେଶ୍ୱର,୧୬।୧୦(ମହାଭାରତ): ପଞ୍ଚାୟତ ନିର୍ବାଚନ ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ରାଜ୍ୟର କ୍ଷମତାସୀନ ବିଜେପି ସରକାର। ଆଗକୁ ଦଶହରା ଥିବାରୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ବଡ ଘୋଷଣା କରିଛନ୍ତି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ପୂଜା ଭେଟି ଦିଆଯାଇଛି। କାର୍ଯ୍ୟରତ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶିକୁ ମଞ୍ଜୁରୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ ବିବୃତିରେ କୁହାଯାଇଛି ଯେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶିକୁ ମଞ୍ଜୁର କରିଛନ୍ତି। ସେମାନଙ୍କୁ ମୋଟ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ଦିଆଯିବ।

ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚମାନେ ପିଛିଲା ଭାବେ ୬ ମାସର ସମ୍ମାନ ରାଶି ପାଇବେ। ପିଛିଲା ଭେବେ ୨୦୨୬ ଏପ୍ରିଲ ୧ରୁ ଅକ୍ଟୋବର ୩୦ ଯାଏ ଅର୍ଥାତ ୬ ମାସର ସମ୍ମାନ ରାଶି ମିଳିବ ।ସରପଞ୍ଚମାନଙ୍କୁ ୧୦ ହଜାର ଟଙ୍କା ଓ ନାଏବ ସରପଞ୍ଚମାନଙ୍କୁ ସରକାରଙ୍କ ପକ୍ଷରୁ ୪ ହଜାର ଟଙ୍କା ଲେଖାଏ ମିଳିବ। ସମ୍ମାନ ରାଶି ଭାବେ ସେମାନଙ୍କୁ ଏହି ଟଙ୍କା ଦିଆଯିବ। ଏହାର ଅର୍ଥ ସରପଞ୍ଚମାନେ ୬ ମାସର ସମ୍ମାନ ରାଶି ଭାବେ ୬୦ ହଜାର ଟଙ୍କା ଓ ନାଏବ ସରପଞ୍ଚମାନେ ୨୪ ହଜାର ଟଙ୍କା ଲେଖାଏ ପାଇବେ।

# ୧୦ ହଜାର ସହରାଂଚଳ ପରିବାର ପାଇଁ ଗୃହ ଯୋଜନା

ଭୁବନେଶ୍ୱର,୧୬।୧୦(ମହାଭାରତ): ସହରାଂଚଳର ଗରିବ, ଅସହାୟ ଓ ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇଦେବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଓଡ଼ିଶା ବାସଯୋଗ୍ୟ ଆବାସ ମିଶନର ତୃତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।



ବୈଠକରେ ସୁଲଭ ଆବାସ ଯୋଜନାର ଅଗ୍ରଗତି, ମିଶନ୍ ର ଆର୍ଥିକ ପରିଚାଳନା ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା । ଗୃହ ନିର୍ମାଣ ଯୋଜନାକୁ କାଗଜପତ୍ରରେ ସୀମି୮ତ ନରଖି ଶୀଘ୍ର କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ପରିବାରଙ୍କୁ ନିର୍ଦ୍ଧାରିତ ସମୟରେ ଏହାର ସୁଫଳ ପହଂଚାଇବାକୁ ଶ୍ରୀମତୀ ପାଢ଼ୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁଲଭ ଆବାସ ସହଭାଗିତା ଉପାଦାନ ଅଧୀନରେ ନଅଟି ସହରାଂଚଳ ସ୍ଥାନୀୟ ସଂସ୍ଥାର ୧୦ ହଜାର ପରିବାରଙ୍କ ପାଇଁ ଗୃହ ଯୋଜନା ପ୍ରସ୍ତୁତ ହୋଇସାରିଛି । ଏହି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚେ, ତାହା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରସ୍ତାବିତ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଶୀଘ୍ର ଚୂଡ଼ାନ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସହରାଂଚଳର ଅତ୍ୟନ୍ତ ଅସହାୟ ବର୍ଗଙ୍କ ଆବାସ ଓ ଜୀବନଧାରଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଏହି ଯୋଜନାରେ ପ୍ରାଥମିକତା ଦେବାକୁ ସେ କହିଥିଲେ । ବିଶେଷକରି ନିରାଶ୍ରୟ ବ୍ୟକ୍ତି, ଭୂମିହୀନ ପରିବାର ଓ ବୟସ୍କ ନାଗରିକଙ୍କ ପାଇଁ ଲକ୍ଷ୍ୟଭିତିକ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ ଗ୍ରହଣ ଉପରେ ଜୋର ଦିଆଯାଇଥିଲା ।

୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ରେ ସମାଜର ସର୍ବାଧିକ ଅବହେଳିତ ବର୍ଗଙ୍କ ହିତ ସାଧନ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକତା ଦେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ଅନୁମୋଦିତ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ, ଉପଲବ୍ଧ ଆର୍ଥିକ ସମ୍ବଳର ସୁବିନିଯୋଗ ଏବଂ ଜନକୈନ୍ଦ୍ରିକ କାର୍ଯ୍ୟପଦ୍ଧତି ମାଧ୍ୟମରେ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ମିଶନ୍ ର ଆର୍ଥିକ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ବିଷୟଗୁଡ଼ିକ ମଧ୍ୟ ବିଚାର କରାଯାଇଥିଲା । ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ ଓ ବାର୍ଷିକ ରିପୋର୍ଟ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ୨୦୨୬-୨୭ ବର୍ଷର ବାର୍ଷିକ କାର୍ଯ୍ୟଯୋଜନା ଓ ବଜେଟ୍ ଆକଳନକୁ କମିଟି ଅନୁମୋଦନ କରିଥିଲା । ୨୦୨୫-୨୬ ବର୍ଷରେ ହୋଇଥିବା ବ୍ୟୟକୁ ପରବର୍ତ୍ତୀ ଅନୁମୋଦନ ମଧ୍ୟ ପ୍ରଦାନ କରାଯାଇଥିଲା ।

ବୈଠକରେ ଓଏଲ୍‌ଏଚ୍‌ଏମ୍‌ର ମିଶନ୍ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗର ଆର୍ଥିକ ପରାମର୍ଶଦାତା, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ମୁଖ୍ୟ ଯନ୍ତ୍ରୀ, ଓଏଲ୍‌ଏଚ୍‌ଏମ୍ ର ଅତିରିକ୍ତ ମିଶନ୍ ନିର୍ଦ୍ଦେଶକଙ୍କ ସମେତ ଶକ୍ତି ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ , ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଟାଟା ଟ୍ରଷ୍ଟସ୍ ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ

ଭୁବନେଶ୍ୱର,୧୬।୧୦(ମହାଭାରତ): ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏହି ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋକଭବନଠାରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଛି ।ରାଜ୍ୟପାଳଙ୍କ କାର୍ଯ୍ୟକାଳ ଶେଷ ହେବା ଅବସରରେ ଆୟୋଜିତ ଏହି ସମ୍ମାନଜନକ ବିଦାୟୀ କାର୍ଯ୍ୟକ୍ରମରେ ତାଙ୍କୁ ଆନୁଷ୍ଠାନିକ ଭାବେ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟର ବିଦାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ତାଙ୍କର ମାର୍ଗଦର୍ଶନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ନିରାମୟ ତଥା ମଙ୍ଗଳମୟ ଜୀବନ ପ୍ରଦାନ କରନ୍ତୁ।

# କଟକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

### ମୁତୟନ ହେବେ ୫୦୦ରୁ ଉର୍ଦ୍ଧ୍ୱ ଅଫିସର, ୬ ପ୍ଲାଟୁନ ସିଏପିଏଫ୍ , ୧୩୦୦ଟି ସିସିଟିଭି ରଖିବ ନଜର

କଟକ,୧୬।୧୦(ମହାଭାରତ): ଚଳିତବର୍ଷ କଟକ ସହରରେ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ଭାବେ ସମାପନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉଭୟ ଭିଡ଼ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ରକ୍ଷା ପାଇଁ ସହରରେ ୬୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ




କରାଯିବ। ଏହା ସହିତ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳ ମଧ୍ୟ ନିୟୋଜିତ ହେବେ। ଏନେଇ ସୂଚନା ଦେଲେ କଟକ ଡିସିପି ରିଷିକେଶ ଖିଲାରୀ। କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ପୋଲିସ ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁଯାୟୀ ସହରର ସୁରକ୍ଷା ଦାୟିତ୍ୱରେ ପ୍ରାୟ ୫୦୦ ପୋଲିସ ଅଫିସର ଏବଂ ୨୧ ଶହରୁ ଅଧିକ ଓଆର ଓ ଏପିଆର କନଷ୍ଟେବଲ ରହିବେ। ଏହା ସହିତ ୨ କମ୍ପାନୀ ସିଆରପିଏଫ ସୁରକ୍ଷା ବ୍ୟବସ୍ଥାରେ ସାମିଲ ହେବେ। ସାରା ସହର ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ୧,୩୦୦ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି। ଲୋକଙ୍କ ସୁବିଧା ଓ ସହାୟତା ପାଇଁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୫୭ଟି ପୋଲିସ ଏଡ଼ ପୋଷ୍ଟ ପ୍ରତିଷ୍ଠା କରାଯାଇଛି। ପୂଜା ସମୟରେ ଟ୍ରାଫିକ ସମସ୍ୟାର ଠିକ୍ ଭାବେ ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ଓ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇଛି। ସହରବାସୀ ଏବଂ ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଭାବେ ମା'ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

# ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** *ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ*

**ପ୍ରସ୍ତୁତି ପ୍ରଣାଳୀ:** *ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।*

*ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।*

# ଜୀବନ-ମନ୍ତ୍ର: ନବଦୁର୍ଗା କାତ୍ୟାୟନୀ



ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ନଅଦିନ ଧରି ପୂଜା ପାଉଥିବା ଦୁର୍ଗାଙ୍କର ବିଭିନ୍ନ ସ୍ୱରୂପ ମଧ୍ୟରୁ ଷଷ୍ଠ ଦିନର ଉପାସ୍ୟା ହେଉଛନ୍ତି କାତ୍ୟାୟନୀ। 'କାତ୍ୟାୟନୀ' ଶବ୍ଦ ଋଷି କାତ୍ୟାୟନଙ୍କ ନାମ ସହିତ ସଂପୃକ୍ତ। ପୁରାଣ ପ୍ରସଙ୍ଗ ଅନୁସାରେ, ଋଷି କାତ୍ୟାୟନ ଏକଦା ଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ତପସ୍ୟା କରିଥିଲେ। ତାଙ୍କର ସେହି ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ତାଙ୍କ ଘରେ କନ୍ୟା ରୂପେ ଆବିର୍ଭୂତ ହୋଇଥିଲେ। ସେଥିପାଇଁ ତାଙ୍କ ନାମ ହେଲା କାତ୍ୟାୟନୀ।ସ୍ୱରୂପ ବର୍ଣ୍ଣନା ଅନୁସାରେ, ମା' କାତ୍ୟାୟନୀ ଚତୁର୍ହସ୍ତା। ତାଙ୍କର ଦୁଇ ହାତରେ ପଦ୍ମ ଓ ଖଡ୍‌ଗ ଶୋଭା ପାଉଥିବା ବେଳେ, ଅନ୍ୟ ଦୁଇ ହସ୍ତ ଅଭୟ ଓ ବରଦ ମୁଦ୍ରାରେ ରହିଥାଏ। ଏହା ଯୁଗପତ୍ କରୁଣା, ଦୟା ଓ ସାହସର ପ୍ରତୀକ। ଦେବୀଙ୍କର ବାହନ ସିଂହ। ଏହା ମଧ୍ୟ ତାଙ୍କର ନିର୍ଭୀକତା, ପରାକ୍ରମ ଓ ଧର୍ମରକ୍ଷାର ସଙ୍କେତ। ଧାର୍ମିକ ବିଶ୍ୱାସ ଅନୁସାରେ, ମା' କାତ୍ୟାୟନୀଙ୍କର ପୂଜା କଲେ ଭକ୍ତଙ୍କ ମନରୁ ଭୟ ଦୂର ହୁଏ। ମନରେ ସାହସ ଓ ଆତ୍ମବିଶ୍ୱାସ ଏବଂ ଜୀବନରେ ଶୁଭଫଳ ପ୍ରାପ୍ତ ହୁଏ। 'ଶ୍ରୀମଦ୍ ?ଭାଗବତ'ରେ ବର୍ଣ୍ଣିତ ଅଛି ଯେ ବୃନ୍ଦାବନର ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ ଦେବୀ କାତ୍ୟାୟନୀଙ୍କର ବ୍ରତ ପାଳନ କରିଥିଲେ। 'ଭାଗବତ' ଅନୁସାରେ କାତ୍ୟାୟନୀ ରୂପରେ ମାଆ ଅନେକ ଅସୁର ସଂହାର କରିଥିଲେ।ମା' କାତ୍ୟାୟନୀଙ୍କ ଆରାଧନା ଆମକୁ ଶିକ୍ଷା ଦିଏ ଯେ ଅନ୍ୟାୟ ବିରୋଧରେ ଦୃଢ଼ ଭାବରେ ଠିଆହେବା ଏବଂ ସତ୍ୟ ପଥରେ ଚାଲିବା ହିଁ ପ୍ରକୃତ ଶକ୍ତିର ପରିଚୟ। ଦେବୀ କାତ୍ୟାୟନୀଙ୍କ ସହିତ ସଂପୃକ୍ତ ଉଦ୍ଭିଦ (ଲତା) ହେଉଛି ଅମ୍ବଷ୍ଟକୀ। ଏହାର ଅନ୍ୟ ନାମ ପାଠା। ଏହାର ତନ୍ତୁରୁ ଦଉଡ଼ି ଓ ଅନ୍ୟାନ୍ୟ ତନ୍ତୁଜାତ ସାମଗ୍ରୀ ପ୍ରସ୍ତୁତ କରାଯାଏ। ମାତ୍ର ଦେବୀଙ୍କ ସହିତ ଏହା ଯୁକ୍ତ ହେବାର କାରଣ, ଆୟୁର୍ବେଦ ଦୃଷ୍ଟିରୁ ଏହା ସ୍ତ୍ରୀରୋଗ ନିବାରକ। ଏହା ମାସିକ ଧର୍ମର ଅନିୟମିତତା ଦୂର କରେ ଏବଂ ଅତ୍ୟଧିକ ଋତୁସ୍ରାବକୁ ନିୟନ୍ତ୍ରିତ କରେ। ଶ୍ୱେତପ୍ରଦର ରୋଗର ଉପଚାରରେ ମଧ୍ୟ ଏହାର ଉପଯୋଗ ହୋଇଥାଏ।



# ଭଗବାନଙ୍କ ଦିବ୍ୟ ପ୍ରକୃତ

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଯିଏ ମୋର ଆବିର୍ଭାବ ତଥା କର୍ମର ଦିବ୍ୟ ପ୍ରକୃତିକୁ ଜାଣି ନେଇଥାଏ, ସେ ଏହି ଶରୀରକୁ ଛାଡ଼ିବା ପରେ ଭୌତିକ ସଂସାରରେ ପୁଣି ଥରେ ଜନ୍ମ ନିଏ ନାହିଁ । ସେ ସନାତନ ଧାମ ପ୍ରାପ୍ତ କରିଥାଏ । ଭଗବାନଙ୍କ ଆବିର୍ଭାବର ସତ୍ୟକୁ ବୁଝି ପାରୁଥିବା ବ୍ୟକ୍ତି ଭବବନ୍ଧନରୁ ମୁକ୍ତ ହୋଇଥାଏ ଏବଂ ଏହି ଶରୀର ଛାଡ଼ି ପରେ ତୁରନ୍ତ ଭଗବାନଙ୍କ ଧାମକୁ ଫେରି ଯାଇଥାଏ । ନିର୍ବିଶେଷବାଦୀ ତଥା ଯୋଗୀଜନ ପର୍ଯ୍ୟାପ୍ତ କଷ୍ଟ ଏବଂ ଜନ୍ମଜନ୍ମାନ୍ତରର ଯାତନା ସହି ମୁକ୍ତି ପ୍ରାପ୍ତ କରିଥାନ୍ତି । ଭଗବାନଙ୍କ ଶରୀରର ଦିବ୍ୟ ପ୍ରକୃତି ତଥା ତାଙ୍କ କାର୍ଯ୍ୟକଳାପକୁ ବୁଝି ପାରୁଥିବା ଭକ୍ତ ଏହି ଶରୀର ଛାଡ଼ିବା ପରେ ପୁନଃ ଜନ୍ମଜନ୍ମାନ୍ତର ଚକ୍ରରେ ପଡ଼େ ନାହିଁ । ପୁଣି ଥରେ ଏହି ମୋହ ମାୟା ଭରା ଦୁନିଆକୁ ଫେରିବାର ଭୟ ଏଭଳି ଆତ୍ମା ନିକଟରେ ନଥାଏ । ଭଗବାନଙ୍କ ଅନେକ ଦିବ୍ୟ ସ୍ୱରୂପ ରହିଛି । ତଥାପି ସେ ଅଦ୍ୱୟ । ଏହି ତଥ୍ୟକୁ ବିଶ୍ୱାସପୂର୍ବକ ବୁଝି ପାରୁଥିବା ବିଦ୍ୱାନ ଜ୍ଞାନ ଯୋଗୀରେ ପରିଣତ ହୋଇଥାଏ । ଏଭଳି ଭକ୍ତ ସହ ଭଗବାନ ସର୍ବଦା ସମ୍ବନ୍ଧ ସ୍ଥାପନ କରିଥାନ୍ତି । ଏ ସମ୍ପର୍କରେ ସ୍ୱୟଂ ଭଗବାନ ଭଗବତ୍ ଗୀତାରେ ବର୍ଣ୍ଣନା କରିଛନ୍ତି । ଏହି ସତ୍ୟକୁ ସ୍ୱୀକାର କରୁଥିବା ଭକ୍ତ ବୃଥା ଚିନ୍ତନରେ ସମୟ ନଷ୍ଟ ନକରି ମୁକ୍ତି ନିମନ୍ତେ ଚରମ ସିଦ୍ଧି ପ୍ରାପ୍ତ କରିଥାଏ ।



# ନବରାତ୍ରିରେ ଯଅ ବିନା ମା'ଙ୍କ ପୂଜା ଅଧୁରା

ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ଶାରଦୀୟ ନବରାତ୍ରୀର ପାବନ ପର୍ବ ଆରମ୍ଭ ହେବାକୁ ଯାଉଛି । ଅକ୍ଟୋବର ୧୧ରୁ ନବରାତ୍ରୀ ଆରମ୍ଭ ହେବ । ନଅ ଦିନ ବ୍ୟାପୀ ଦେବୀ ଦୁର୍ଗାଙ୍କ ନଅଟି ସ୍ୱରୂପକୁ ଆରାଧନା କରାଯିବ । ନବରାତ୍ରୀରେ ଘଟ ସ୍ଥାପନର ବିଶେଷ ମହତ୍ତ୍ୱ ରହିଛି । ଘଟ ସ୍ଥାପନା ବିନା ମା'ଙ୍କ ପୂଜା ଅଧୁରା । ତେବେ ଏହି ଘଟ କେମିତି ସ୍ଥାପନ କରାଯାଏ ? ଏହାର ବିଧି ଓ ନବରାତ୍ରୀରେ ଯଅର ମହତ୍ତ୍ୱ କଣ ? ଆସନ୍ତୁ ଜାଣିବା। ହିନ୍ଦୁ ଶାସ୍ତ୍ର ଅନୁସାରେ ଯଅକୁ ମାତା ଅନ୍ନପୂର୍ଣ୍ଣାଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ । ପୌରାଣିକ ମାନ୍ୟତା ଅନୁଯାୟୀ, ଏହା ସୃଷ୍ଟିର ପ୍ରଥମ ଫସଲ । ଏହି କାରଣରୁ ଯଅକୁ ନବରାତ୍ରୀର ପୂଜା କାର୍ଯ୍ୟରେ ସାମିଲ କରାଯାଏ



। ମା'ଙ୍କ ନିକଟରେ ଘଟ ସ୍ଥାପନା କରିବା ସମୟରେ ମାଟିର ବେଦି ପ୍ରସ୍ତୁତ କରାଯାଏ । ଏଥିରେ ଯଅ ମଞ୍ଜି ବୁଣି ଦେବୀଙ୍କୁ ଆରାଧନା କରାଯାଏ । ନଅ ଦିନ ବ୍ୟାପି ଏହାକୁ ଭକ୍ତି-ଭାବର ସହ ଯତ୍ନ ନିଆଯାଏ । ଏହାଦ୍ୱାରା ଘରକୁ ସୁଖ, ସମୃଦ୍ଧି ଆସେ । ଘର ଧନଧାନ୍ୟରେ ପୂରିଯାଏ, ସକାରାତ୍ମକତା ବାସ କରେ । ଏଥିପାଇଁ ନବରାତ୍ରୀରେ କଳସ ମୂଳରେ ଯଅ ମଞ୍ଜି ବୁଣାଯାଏ । ଖାଲି ସେତିକି ନୁହେଁ, ଯଅ ମଞ୍ଜିରୁ ଉଠିଥିବା ଗଜାର ରଙ୍ଗ ଦେଖି ଭବିଷ୍ୟତ ବିଷୟରେ ଅନୁମାନ କରିହୁଏ । ଯଦି ନଅ ଦିନରେ ଯଅ ଗଜା ଶୀଘ୍ର ଶୀଘ୍ର ବଡ଼ ହୋଇଯାଏ ଏବଂ ଏହାର ରଙ୍ଗ ସବୁଜ ରୁହେ ତାହେଲେ ସୁଖ ସମୃଦ୍ଧି ଆସେ । ଏହା ସୂଚିତ କରେ ଯେ ଦେବୀ ଆପଣଙ୍କ ପୂଜାରେ ପ୍ରସନ୍ନ ଅଛନ୍ତି ଏବଂ ତାଙ୍କ ଆଶୀର୍ବାଦ ଆପଣଙ୍କ ପରିବାର ସହିତ ରହିଛି । ଘନ ସବୁଜ ଗଜା ଜୀବନରେ ସକାରାତ୍ମକ ପରିବର୍ତ୍ତନ ଏବଂ ପ୍ରୟାସରେ ସଫଳତାର ପ୍ରତୀକ । ତେଣୁ ଅତ୍ୟନ୍ତ ପବିତ୍ରତା ଏବଂ ଯତ୍ନର ସହିତ ଏହାର ଯତ୍ନ ନିଆଯାଏ । ଯଦି ଏହାର ରଙ୍ଗ ହଳଦିଆ ପଡ଼ିଯାଏ ତାହେଲେ ଅଶୁଭ ହୋଇଥାଏ । ଏଥିପାଇଁ ଖୁବ୍ ସାବଧାନତାର ସହ ଏହାର ଯତ୍ନ ନିଆଯାଏ ।

# କନ୍ୟା ପୂଜନ ସମୟରେ ଜଣେ ଛୋଟ ବାଳକଙ୍କୁ ବସା ଯିବାର କ'ଣ ରହିଛି ମହତ୍ତ୍ୱ



ଶାରଦୀୟ ନବରାତ୍ରୀରେ ମା' ଦୁର୍ଗାଙ୍କ ଆରାଧନା ସହ କନ୍ୟା ପୂଜନର ବିଶେଷ ମହତ୍ତ୍ୱ ରହିଛି। ଏହି ପରମ୍ପରାରେ ନଅ ଜଣ କନ୍ୟାଙ୍କୁ ଦେବୀଙ୍କ ନଅଟି ସ୍ୱରୂପ ଭାବେ ପୂଜା କରାଯାଇ ଭୋଜନ କରିବାକୁ ଦିଆଯାଏ। ତେବେ ଅନେକ ସ୍ଥାନରେ କନ୍ୟାମାନଙ୍କ ସହ ଜଣେ ଛୋଟ ବାଳକଙ୍କୁ ମଧ୍ୟ ବସାଯାଏ । ଏହି ବାଳକଙ୍କୁ ଲୋକପରମ୍ପରାରେ 'ଲଙ୍ଗୁର' ବା 'ବଟୁକ ଭୈରବ' ବୋଲି କୁହାଯାଏ। ଏହା ପଛରେ ରହିଛି ଏକ ଧାର୍ମିକ ମାନ୍ୟତା।

ମା' ଦୁର୍ଗାଙ୍କ ରକ୍ଷକ ବଟୁକ ଭୈରବ

ପୌରାଣିକ ମାନ୍ୟତା ଅନୁଯାୟୀ, ଭୈରବ ବାବାଙ୍କୁ ଭଗବାନ ଶିବଙ୍କ ଏକ ସ୍ୱରୂପ ଭାବେ ଗ୍ରହଣ କରାଯାଏ। ବଟୁକ ଭୈରବଙ୍କୁ ମା' ଦୁର୍ଗାଙ୍କ ଦ୍ୱାରପାଳ ଓ ରକ୍ଷକ ଭାବେ ପୂଜା କରାଯାଏ। ଏହି ବିଶ୍ୱାସ ଅନୁସାରେ, କନ୍ୟା ପୂଜନ ସମୟରେ କନ୍ୟାମାନଙ୍କ ସହ ବଟୁକ ଭୈରବଙ୍କ ପ୍ରତୀକ ଭାବେ ଜଣେ ବାଳକଙ୍କୁ ବସାଇ ପୂଜା କରିବା ଶୁଭ ବୋଲି ବିବେଚନା କରାଯାଏ।

ଧାର୍ମିକ ବିଶ୍ୱାସ ଅନୁଯାୟୀ, କନ୍ୟାମାନଙ୍କୁ ଦେବୀଙ୍କ ସ୍ୱରୂପ ଭାବେ ପୂଜା କରିବା ସହ ବଟୁକ ଭୈରବଙ୍କ ପ୍ରତୀକ ରୂପୀ ବାଳକଙ୍କୁ ସମ୍ମାନର ସହ ଭୋଜନ କରାଇଲେ ପୂଜା ସମ୍ପୂର୍ଣ୍ଣ ହୁଏ। ଏହାଦ୍ୱାରା ମା' ଦୁର୍ଗାଙ୍କ ଆଶୀର୍ବାଦ ମିଳିବା ସହ ଘରେ ସୁଖ, ଶାନ୍ତି ଓ ସମୃଦ୍ଧି ବଜାୟ ରହେ ବୋଲି ବିଶ୍ୱାସ ରହିଛି।

ହନୁମାନଙ୍କ ପ୍ରତୀକ:

କେତେକ ଲୋକପରମ୍ପରାରେ ଏହି ବାଳକଙ୍କୁ ବାଲ୍ୟ ହନୁମାନଙ୍କ ପ୍ରତୀକ ଭାବେ ମଧ୍ୟ ଗ୍ରହଣ କରାଯାଏ। ନବରାତ୍ରିରେ କନ୍ୟା ପୂଜନ ସମୟରେ ତାଙ୍କୁ ଆଦରସତ୍କାର କରିବା, ଭୋଜନ କରାଇବା ଓ ଦକ୍ଷିଣା ପ୍ରଦାନ କରିବାକୁ ମଧ୍ୟ ଶୁଭ ବୋଲି ବିଶ୍ୱାସ କରାଯାଏ। ଏହି ପରମ୍ପରା ମାଧ୍ୟମରେ ଶକ୍ତି ଓ ରକ୍ଷାର ପ୍ରତୀକ ଭାବେ ଦେବୀଙ୍କ ସହ ଭୈରବ ବା ହନୁମାନଙ୍କୁ ସମ୍ମାନ ଜଣାଯାଏ ।ଏହି ପରମ୍ପରା ସବୁ ଅଞ୍ଚଳରେ ସମାନ ହୋଇ ନଥ ?।ଏ। ଅଞ୍ଚଳ ଅନୁଯାୟୀ ଭିନ୍ନଭିନ୍ନ ଶୈଳୀରେ କନ୍ୟା ପୂଜା କରାଯାଇଥାଏ।



# ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୦(ମହାଭାରତ):ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍‌)କୁ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ଆବଶ୍ୟକ ବୋଲି କହିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ୱାଧୀନ ଓ ଅବାଧ ନିର୍ବାଚନ ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଗଣତନ୍ତ୍ରର ମୂଳଦୁଆ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ନିଜର ମତାମତ ସେୟାର କରି କହିଛନ୍ତି ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଭୋଟର ତାଲିକାର ସ୍ୱଚ୍ଛତା ଓ ସଠିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୋଟର ତାଲିକାରେ ଏକାଧିକ ଥର ନାମ ପଞ୍ଜୀକୃତ ହେବା, ପୁରୁଣା ତଥ୍ୟ ଏବଂ ମୃତ ବ୍ୟକ୍ତିଙ୍କ ନାମ ତାଲିକାରେ ରହିବା ଦ୍ୱାରା ଏହାର ଶୁଦ୍ଧତା ପ୍ରଭାବିତ ହୋଇପାରେ। ତେଣୁ ଭୋଟର ତାଲିକାକୁ ବିଶ୍ୱସନୀୟ କରିବା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ସୁନିଶ୍ଚିତ କରିବା ଏବଂ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ମଧ୍ୟ ଜରୁରୀ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍‌) ମାଧ୍ୟମରେ ଭୋଟର ତାଲିକାକୁ ଯୋଗ୍ୟ ଭୋଟରଙ୍କ ଅନୁରୂପ କରିବାରେ ସହାୟତା ମିଳିଥାଏ। ଏହି ପ୍ରକ୍ରିୟାରେ ତାଲିକାରେ ଥିବା ଅସଙ୍ଗତି ଚିହ୍ନଟ କରିବା, ଏକାଧିକ ପଞ୍ଜୀକରଣକୁ ହଟାଇବା ଏବଂ ମୃତ୍ୟୁ କିମ୍ବା ବାସସ୍ଥାନ ପରିବର୍ତ୍ତନ ପରେ ରେକର୍ଡକୁ ଅଦ୍ୟତନ କରିବା ଭଳି କାର୍ଯ୍ୟ କରାଯାଏ। ଏହାଦ୍ୱାରା କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ମଧ୍ୟ ସୁନିଶ୍ଚିତ କରାଯାଇପାରେ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଜୋର ଦେଇ କହିଛନ୍ତି ଯେ, ସଂଶୋଧନ ପ୍ରକ୍ରିୟା ସମୟରେ ପ୍ରତ୍ୟେକ ବୈଧ ଭୋଟରଙ୍କୁ ଅନ୍ୟାୟ ଭାବେ ଭୋଟର ତାଲିକାରୁ ବାଦ୍ ପଡ଼ିବାରୁ ସୁରକ୍ଷା ଦେବା ମଧ୍ୟ ସମାନ ଭାବେ ଆବଶ୍ୟକ। ଏଗୁଡ଼ିକ କେବଳ ପ୍ରଶାସନିକ ଔପଚାରିକତା ନୁହେଁ, ବରଂ ନିର୍ବାଚନର ନିରପେକ୍ଷତା, ସମାନ ପ୍ରତିନିଧିତ୍ୱ ଏବଂ ପ୍ରତ୍ୟେକ ଭୋଟର ମର୍ଯ୍ୟାଦା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟ।

ଶ୍ରୀ ମାଝୀ ଏସ୍‌ଆଇଆର୍‌କୁ ନିର୍ବାଚନ ବ୍ୟବସ୍ଥାର ପବିତ୍ରତା ବଜାୟ ରଖିବା ପାଇଁ ଏକ ଆବଶ୍ୟକ ଓ ସକାରାତ୍ମକ ପ୍ରକ୍ରିୟା ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ନିରପେକ୍ଷତା ଓ ସମ୍ପୂର୍ଣ୍ଣ ସତର୍କତାର ସହ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା ଦ୍ୱାରା ଭୋଟର ତାଲିକାର ବିଶ୍ୱସନୀୟତା ବଜାୟ ରହିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆହୁରି ସୁଦୃଢ଼ ହେବ।

ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟରେ ଭୋଟର ତାଲିକାର ଶୁଦ୍ଧତା ସୁନିଶ୍ଚିତ କରିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ଟାଇମ୍ସ ଫ୍ୟାଶନ୍ ୱିକ୍‌ରେ ଓଡ଼ିଶାର ହସ୍ତତନ୍ତ, ଆଦିବାସୀ କଳା ଓ ପାରମ୍ପରିକ ହସ୍ତଶିଳ୍ପ ପ୍ରଦର୍ଶନ

ଭୁବନେଶ୍ୱର,୧୬।୧୦(ମହାଭାରତ):ଟାଇମ୍ସ ଫ୍ୟାଶନ୍ ୱିକ୍‌ରେ ଓଡ଼ିଶାର ହସ୍ତତନ୍ତ, ଆଦିବାସୀ କଳା ଓ ପାରମ୍ପରିକ ହସ୍ତଶିଳ୍ପ ପ୍ରଦର୍ଶନକୁ ଦେଖି ଖୁସି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ।

ଏକ୍ସ ହ୍ୟାଣ୍ଡେଲରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ପ୍ରତ୍ୟେକ ହସ୍ତତନ୍ତ, ପ୍ରତ୍ୟେକ ଜନଜାତିୟ ହସ୍ତକଳା ଏବଂ ପ୍ରତ୍ୟେକ ପାରମ୍ପରିକ ସୃଷ୍ଟି ପଛରେ ରହିଛି ଆମ ଲୋକଙ୍କ କଠିନ ପରିଶ୍ରମ, ପ୍ରତିଭା ଓ ସଂଘର୍ଷର କାହାଣୀ।

ଟାଇମ୍ସ ଫ୍ୟାଶନ୍ ୱିକ୍‌ରେ ଆମର ମହିଳା କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟାମାନେ ଆତ୍ମବିଶ୍ୱାସର ସହ ରାମ୍ପରେ ଚାଲି ଆମର ସମୃଦ୍ଧ ଜନଜାତିୟ ଐତିହ୍ୟ, ଜିଆଇ ଟ୍ୟାଗପ୍ରାପ୍ତ ଉତ୍ପାଦ, ଓଡିଓପି ଉତ୍ପାଦ, ହସ୍ତତନ୍ତ, ଅଳଙ୍କାର ଓ ଅନ୍ୟାନ୍ୟ ଫ୍ୟାଶନ୍ ସାମଗ୍ରୀ ପ୍ରଦର୍ଶନ କରୁଥିବା ଦେଖି ମୁଁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛି। ସେମାନଙ୍କ ହାତରେ ପିଢ଼ି ପରେ ପିଢ଼ି ସଞ୍ଚିତ କଳାକୌଶଳ ରହିଛି, ସେମାନଙ୍କ ସୃଷ୍ଟି ଆମ ସଂସ୍କୃତିର କାହାଣୀ କହୁଛି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ପ୍ରତ୍ୟେକ ସୁଯୋଗ ମିଳିବା ଉଚିତ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେତେବେଳେ ଆମ କାରିଗରମାନେ ନିଜର ଯୋଗ୍ୟ ସ୍ୱୀକୃତି ପାଆନ୍ତି, ସେତେବେଳେ କେବଳ ସେମାନଙ୍କ ପ୍ରତିଭା ଉଜ୍ଜ୍ୱଳ ହୁଏ ନାହିଁ; ସେମାନଙ୍କ ସହ ଓଡ଼ିଶାର ପରିଚୟ, ଐତିହ୍ୟ ଓ ଗୌରବ ମଧ୍ୟ ବିଶ୍ୱ ଦରବାରରେ ଉଜ୍ଜ୍ୱଳ ହୋଇଉଠେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ଆମ ଓଡ଼ିଶାର ହସ୍ତତନ୍ତ, ଆଦିବାସୀ କଳା ଓ ପାରମ୍ପରିକ ହସ୍ତଶିଳ୍ପକୁ ଟାଇମ୍ସ ଫ୍ୟାସନ ୱିକରେ ନୂଆ ପରିଚୟ ମିଳିଛି। ଆମ ମହିଳା କାରିଗର ଓ ଏସଏଚଜି ସଦସ୍ୟାମାନେ ନିଜ କଳା ଓ ଆତ୍ମବିଶ୍ୱାସରେ ରାଜ୍ୟର ଗୌରବ ବଢ଼ାଇଛନ୍ତି।

# ରାଷ୍ଟ୍ର ନିର୍ମାଣ ଓ ସମୃଦ୍ଧ ଐତିହ୍ୟ ସହ ଯୋଡ଼ି ହୁଅନ୍ତୁ ଯୁବପିଢ଼ି : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୬।୧୦(ମହାଭାରତ):ସମ୍ବଲପୁର ମାଟିର ବୀରତ୍ୱ, ସଂସ୍କୃତି ଓ ସାହିତ୍ୟ ଆମ ସମୃଦ୍ଧ ଐତିହ୍ୟର ଅମୂଲ୍ୟ ଅଧ୍ୟାୟ। ଏହାକୁ ଭାରତର ପ୍ରତ୍ୟେକ ଯୁବପିଢି ଅନ୍ୱେଷଣ କରିବା ସହ ସବୁ ବିଷୟର ଅନୁଭବ ନେବା ଦରକାର ବୋଲି ରବିବାର ସମ୍ବଲପୁରରେ 'ମାଇଁ ଭାରତ' ଦ୍ୱାରା ଆୟୋଜିତ 'ବନ୍ଦେ ମାତରମ୍ ଶିବିର'ରେ ଯୋଗଦେଇ କହିଛନ୍ତି ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ରାଷ୍ଟ୍ର ନିର୍ମାଣ ଓ ସମୃଦ୍ଧ ଐତିହ୍ୟ ସହ ଯୋଡ଼ି ହେବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପ୍ରଧାନ।



ଶ୍ରୀ ପ୍ରଧାନ ସମସ୍ତଙ୍କୁ ନବରାତ୍ରୀର ଶୁଭେଚ୍ଛା ଜଣାଇ କହିଛନ୍ତି ଯେ 'ବନ୍ଦେ ମାତରମ୍' ମନ୍ତ୍ର ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କୁ ମାତୃଭୂମି ପ୍ରତି ଅଗାଧ ପ୍ରେମ ଏବଂ ସମର୍ପଣ ଭାବରେ ଏକାଠି କରିବାରେ ପ୍ରେରଣା ଯୋଗାଇଥିଲା। ଆଜି ମଧ୍ୟ ଏହା ଆମର ଜାତୀୟ ଗୌରବ ଏବଂ ଏକତାର ପ୍ରତୀକ ଅଟେ। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସାକାର କରିବା ଦିଗରେ ଏହି ଶିବିର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ।

ସମ୍ବଲପୁରର ଐତିହାସିକ ମହତ୍ତ୍ୱ ବର୍ଣ୍ଣନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମାଟିରେ ମନୁଷ୍ୟ ସଭ୍ୟତାର ପ୍ରମାଣ ୧୦ ହଜାର ବର୍ଷ ପୂର୍ବରୁ ରହିଛି। ଜିଲ୍ଲାର 'ଭୀମ ମଣ୍ଡଳୀ'ର ରକ୍ ଆର୍ଟ ଏହାର ମୁକସାକ୍ଷୀ। ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଛବିଳ ସାଏ ଏବଂ ୩୭ ବର୍ଷ କାଳ କାରାଦଣ୍ଡ ଭୋଗିଥିବା ସ୍ୱାଧୀନତା ସଂଗ୍ରାମୀ ଉଦନ୍ତ ସାଏଙ୍କ ବଳିଦାନ ଗାଥା ଏହି ମାଟିର ଗୌରବକୁ ଦ୍ୱିଗୁଣିତ କରିଛି। ସେ କହିଛନ୍ତି ସମ୍ବଲପୁର ମାଟି କଳା, ସାହିତ୍ୟ ଏବଂ ଆଧ୍ୟାତ୍ମର କେନ୍ଦ୍ର ମଧ୍ୟ ଅଟେ। ଏହି ପବିତ୍ର ଭୂମିରେ ସନ୍ଥକବି ଭୀମ ଭୋଇଙ୍କ ସମାଜ କଲ୍ୟାଣକାରୀ ବାଣୀ – 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ... ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଆଜି ବିଶ୍ୱ ସ୍ତରରେ ଜାତିସଂଘ ପର୍ଯ୍ୟନ୍ତ ଆଦୃତ ହୋଇଛି। ସେହିପରି ମାତୃଭାଷା ଓ ସାହିତ୍ୟର ପ୍ରଖର ପ୍ରବକ୍ତା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଅବଦାନ ମଧ୍ୟ ଅମୂଲ୍ୟ।

ହୀରାକୁଦ ଜଳଭଣ୍ଡାର ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହା ଆଧୁନିକ ଭାରତର ସବୁଠାରୁ ବଡ଼ ଇଞ୍ଜିନିୟରିଂ ମାର୍ଭେଲ୍ ଏବଂ ଦୁନିଆର ସବୁଠାରୁ ବଡ଼ ମାଟି ବାନ୍ଧ ଅଟେ। ଡକ୍ଟର ବାବାସାହେବ ଆମ୍ବେଦକର ଏବଂ ସାର୍ ଏମ୍. ଭିଶେଶ୍ୱରୀୟାଙ୍କ ପରିକଳ୍ପନାରେ ଏହା ଗଢ଼ିଉଠିଛି। ସମ୍ବଲପୁର ସହରରେ ଭିସୁଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଆଇ.ଆଇ.ଏମ୍. ସମେତ ଅନେକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ରହିଛି, ଯାହା ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଠାକାର ବିଦ୍ୱାନ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଡ୍ରୋନ୍ ଜାତୀୟ ସୁରକ୍ଷାରେ ମଧ୍ୟ ବ୍ୟବହାର କରାଯାଉଛି। ଏହାବ୍ୟତୀତ ସମ୍ବଲପୁରୀ ହସ୍ତତନ୍ତ ଏବଂ ଖାଦି ଆମର ସାଂସ୍କୃତିକ ପରିଚୟ ଏବଂ ସ୍ୱଦେଶୀ ଭାବନାର ପ୍ରତୀକ ଅଟେ। ଏହା କେବଳ ଏକ ପୋଷାକ ନୁହେଁ, ବରଂ ଗ୍ରାମାଂଚଳର ବୁଣାକାର ଓ କୃଷକ ପରିବାରର ସୃଜନଶୀଳତାର ଅନନ୍ୟ ପ୍ରତିଫଳନ ବୋଲି ସେ ପ୍ରଶଂସା କରିଥିଲେ।

# ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୧୦(ମହାଭାରତ): ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଓ ଧନ୍ଦାମୂଳକ ଅଧ୍ୟାପକମାନଙ୍କ ପାଇଁ ପାଂଚ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସିଟିସିସି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ (ଆଏଚଏମ୍)ଠାରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣରେ ଏଭିଟି (ଅଡିଓ-ଭିଜୁଆଲ ଟ୍ରେନିଂ), ଡିପି (ଡ୍ରୋନ୍ ପାଇଲଟ୍), କ୍ୟାଟେରିଂ, ରେସ୍ତୋରାଁ ପରିଚାଳନା ଟ୍ରେଡ୍ ର ୧୭୦ ରୁ ଅଧିକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଯୋଗ ଦେଇଛନ୍ତି। ବ୍ୟବହାରିକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଅକ୍ଟୋବର ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଚାଲିବ।

ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ସିଟିସିସି ସିନିୟର ମ୍ୟାନେଜର୍ (ଟ୍ରେନିଂ) କେ.ଏମ୍ ରାଜନ୍, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଂଟ ଶ୍ରୀମତୀ ସ୍ମିତାରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଉଦଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ସିଟିସିସି, ଇନ୍ ?ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମତୀ ବିନିତା ସେନାପତି ଧନ୍ଦାମୂଳକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଧନ୍ଦାମୂଳକ ଶିକ୍ଷା ଦ୍ୱାରା କେହି ବେକାରୀ ସମସ୍ୟାର ସମ୍ମୁଖିନ ହେବେ ନାହିଁ। ଏଥିସହ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ବ୍ୟବହାରିକ ଦକ୍ଷତା ବୃଦ୍ଧି ପାଇଥିବା ଓ କୌଣସି ବି ଗୋଟିଏ ଟ୍ରେଡ୍ ରେ ସେମାନେ ଦକ୍ଷ ହୋଇପାରିବେ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଏଥିସହ ଏହିଭଳି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଜ୍ଞାନ ଏବଂ ନିଯୁକ୍ତିଯୋଗ୍ୟ ଦକ୍ଷତା ଉଭୟ ହାସଲ କରିବାରେ ସହାୟତା କରିବ ବୋଲି ସେ କହିଛନ୍ତି।

ସେହିପରି ଜିତେନ୍ଦ୍ର ନାୟକ ଉଚ୍ଚମାନର ବ୍ୟବହାରିକ ପ୍ରଶିକ୍ଷଣ ସୁନିଶ୍ଚିତ କରିବା ପାଇଁ ସିଟିସିସି ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ ଭଳି ପ୍ରମୁଖ ପ୍ରତିଷ୍ଠାନର ସହଯୋଗକୁ ପ୍ରଶଂସା କରିବା ସହ ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ତାଲିମ୍ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କ ଯୋଗଦାନକୁ ଗୁରୁତ୍ୱ ଦେଇଛନ୍ତି। ସିଟିସିସିର ସିନିୟର୍ ମ୍ୟାନେଜର (ଟ୍ରେନିଂ) କେ.ଏମ୍. ରାଜନ, ଛାତ୍ରଛାତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ ଏବଂ ଏକ ଦକ୍ଷ କର୍ମଶକ୍ତି ସୃଷ୍ଟି କରିବାର ରାଜ୍ୟର ଦୃଷ୍ଟିକୋଣକୁ ସମର୍ଥନ କରିବା ପାଇଁ ସିଟିସିସି ସହଯୋଗ କରିବା ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ।

ସେହିପରି ଆଜି ଇନଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଂଟଠାରେ ମଧ୍ୟ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଇନଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଂଟର ପୂର୍ବାଂଚଳର ଆଂଚଳିକ ନିର୍ଦ୍ଦେଶକ ପ୍ରଣବ ପ୍ରକାଶ, ଅଧକ୍ଷ ଶ୍ରୀମତୀ ଶାରଦା ଘୋଷ୍, ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ନିର୍ଦ୍ଦେଶାଳୟର ରିସର୍ଚ୍ଚ ଆସିସଟାଣ୍ଟ ଶ୍ରୀମତୀ ସ୍ମିତାରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସୋଆ ଛାତ୍ରଛାତ୍ରୀଙ୍କ ବାଜିମାତ୍



ଭୁବନେଶ୍ୱର, ୧୬।୧୦(ମହାଭାରତ): ଆଇଆଇଟି (ବିଏଚୟୁ) ବାରଣାସୀ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡା ମହୋତ୍ସବ 'ସ୍ପର୍ଦ୍ଧା ୨୦୨୬'ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହିଳା ବିଭାଗ ଉଭୟ କବାଡି ଓ ବାସ୍କେଟବଲରେ ସୋଆ ଦଳ ଚମ୍ପିଅନ ହୋଇଛନ୍ତି।

ମହିଳା କବାଡି, ବାସ୍କେଟବଲ ଦଳ ଚମ୍ପିଅନ, ପୁରୁଷ ଖୋ ଖୋ, କବାଡି ଦଳ ରନର୍ସଅପ୍, ମହିଳା ଖୋ ଖୋ ଦଳ ତୃତୀୟ ହୋଇଥିବା ବେଳେ ଉନ୍ନତ ପ୍ରଦର୍ଶନ ପାଇଁ ସୋଆକୁ 'ବେଷ୍ଟ ଆଉଟ୍‌ଷ୍ଟେସନ' ଦଳ ପୁରସ୍କାର ପ୍ରଦାନ କରାଯାଇଛି।ଛାତ୍ରଛାତ୍ରୀଙ୍କର ଏହି ସଫଳତା ନିମନ୍ତେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନନ୍ଦ ବ୍ୟକ୍ତ କରିଛନ୍ତି ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବାରଣାସୀରୁ ଫେରିବା ପରେ ଛାତ୍ରଛାତ୍ରୀମାନେ ଗୁରୁବାର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଚଳିତ ଅକ୍ଟୋବର ୯ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପିତ ହୋଇଥିଲା। କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଂଟନ, ଖୋ ଖୋ, କବାଡି ଓ ବାସ୍କେଟବଲ ପ୍ରଭୃତି କ୍ରୀଡାରେ ସୋଆ ବିଶ୍ୱବିଦ୍ୟାଳୟରୁ ୧୪୦ ଜଣ ଖେଳାଳି ଓ ୧୦ଜଣ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ଆମେରିକା ସିନେଟର ଓ ମେୟରଙ୍କ କିଟ୍-କିସ୍ ପରିଦର୍ଶନ

## ୧୦ଜଣଙ୍କୁ 'କିଓ' ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୧୬।୧୦(ମହାଭାରତ): ଆମେରିକାର ୱାଶିଂଟନ ରାଜ୍ୟର ସିନେଟର ତଥା ବିଭିନ୍ନ ସହରର ମେୟରଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୱାଶିଂଟନ ରାଜ୍ୟର ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍-କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୱାଶିଂଟନ୍ ରାଜ୍ୟର ସିନେଟର ଟିନା ଲୁଇସ୍ ଓରୱାଲ୍, କେଣ୍ଟ ସହରର ମେୟର ଦାନା ଲିନ୍ ରାଲ୍‌ଫ, ଟୁକ୍ୱିଲା ମେୟର ଥୋମାସ୍ ୱେନ୍ ମ୍ୟାକ୍ଲିଓଡ୍, ଇସାକ୍ୱାର ମେୟର ମାର୍କ ଡଗ୍ଲାସ୍ ମୁଲେଟ୍, ମୁକିଲ୍‌ଟିଓର ମେୟର ଜୋସେଫ୍ ଡାନିଏଲ୍ ମେରିନ୍, ଡୁପଣ୍ଟର ମେୟର ରୋନାଲ୍ଡ ଜନ୍ ଫ୍ରେଡେରିକ୍, ୟୁନିଭର୍ସିଟି ପ୍ଲେସ୍‌ର ମେୟର ଷ୍ଟାନ୍‌ଲି ଲଳିତ କୁମାର ଫ୍ଲେମିଂ, ସିଟାକ୍‌ର ମେୟର ମହମ୍ମଦ ଅଲି ଇଗାଲ୍, ୟୁନିଭର୍ସିଟି ପ୍ଲେସ୍‌ର କାର୍ଯ୍ୟକାରୀ ମେୟର ଡେନିସ୍ ଟେରେସା ମ୍ୟାକ୍‌କ୍ଲସ୍କି, କେଣ୍ଟ ସହର ପରିଷଦର ସଦସ୍ୟା ଟୋନି ମାରି ଟ୍ରାଉଟନର ପ୍ରମୁଖଙ୍କୁ କିଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସେମାନଙ୍କ ପ୍ରତକ୍ରିୟାରେ ଖୁସି ବ୍ୟକ୍ତି କରି କହିଲେ, କିଟ୍ ଓ କିସ୍ ବୁଲିବା ପରେ ଆମେ ବେଶ ପ୍ରଭାବିତ ହୋଇଛୁ। ଏତେ ସଂଖ୍ୟକ ପିଲାଙ୍କୁ ଆମେ କେବେ ବି ଗୋଟିଏ ସ୍ଥାନରେ ଦେଖି ନଥିଲୁ। କିସ୍ ପିଲାଙ୍କ ଶୃଙ୍ଖଳା ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅତି ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ୱାଶିଂଟନ ରାଜ୍ୟରୁ ଏହି ୧୭ଜଣିଆ ପ୍ରତିନିଧିମଣ୍ଡଳୀ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଭାରତ ଭ୍ରମଣରେ ଅଛନ୍ତି।




ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଯାତ୍ରୀ ଆୟ ଓ ଟିକେଟ୍ ବୁକିଂରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୧୬।୧୦(ମହାଭାରତ): ପୂର୍ବ ତଟ ରେଳପଥ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଯାତ୍ରୀ ଆୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଯାତ୍ରୀ ଆୟରେ ୧୮.୦୧% ବୃଦ୍ଧି ରେକର୍ଡ କରାଯାଇଛି। ଏଥିସହିତ, ଏପ୍ରିଲ୍ ?ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଯାତ୍ରୀ ଟିକେଟ୍ ବୁକିଂରେ ୧.୭୬% ଅଭିବୃଦ୍ଧି ହୋଇଛି, ଯାହା ରେଳ ଯାତ୍ରା ପ୍ରତି ଯାତ୍ରୀମାନଙ୍କର ନିରନ୍ତର ଆଗ୍ରହକୁ ପ୍ରତିଫଳିତ କରୁଛି।

ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥର ଯାତ୍ରୀ ଆୟ ୧,୦୭୯.୩୦ କୋଟି ଟଙ୍କାରେ ପହଞ୍ଚିଛି। ଗତବର୍ଷ ସମାନ ଅବଧିରେ ଏହି ଆୟ ୯୧୪.୬୨ କୋଟି ଟଙ୍କା ଥିଲା। ଯାତ୍ରୀ ଆୟରେ ହୋଇଥିବା ଏହି ବୃଦ୍ଧି ରେଳପଥର ଯାତ୍ରୀ ପରିବହନ ସେବାର ଉନ୍ନତ ପ୍ରଦର୍ଶନକୁ ସୂଚିତ କରୁଛି। ଯାତ୍ରୀ ଟିକେଟ୍ ବୁକିଂ ବୃଦ୍ଧି ତୁଳନାରେ ଯାତ୍ରୀ ଆୟରେ ଅଧିକ ଅଭିବୃଦ୍ଧି ହୋଇଥିବାରୁ ଯାତ୍ରୀ ପିଛା ହାରାହାରି ଆୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଯାତ୍ରୀ ପିଛା ହାରାହାରି ଆୟ ପ୍ରାୟ ୨୪୦ ଟଙ୍କାରୁ ବୃଦ୍ଧି ପାଇ ୨୭୮ ଟଙ୍କାରେ ପହଞ୍ଚିଛି, ଯାହା ପ୍ରାୟ ୧୬% ଅଭିବୃଦ୍ଧିକୁ ଦର୍ଶାଉଛି।

ଏହି ଅଭିବୃଦ୍ଧିରେ ବନ୍ଦେ ଭାରତ ଓ ଅମୃତ ଭାରତ ଭଳି ଏସି ଏବଂ ପ୍ରିମିୟମ୍ ଟ୍ରେନ୍ ?ଗୁଡ଼ିକରେ ଯାତ୍ରୀଙ୍କ ଅଧିକ ଚାହିଦା, ନୂତନ ଟ୍ରେନ୍ ସେବା ଆରମ୍ଭ, ଚଳାଚଳ କରୁଥିବା ଟ୍ରେନ୍ ?ଗୁଡ଼ିକର ସମ୍ପ୍ରସାରଣ ଏବଂ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଟ୍ରେନ୍ ?ଗୁଡ଼ିକରେ ଅତିରିକ୍ତ କୋଚ୍ ସଂଯୋଗ ଭଳି ପଦକ୍ଷେପ ସହାୟକ ହୋଇଛି। ପର୍ବପର୍ବାଣି ଓ ଛୁଟିଦିନରେ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ମଧ୍ୟ ଅଧିକ ଯାତ୍ରୀ ଚାହିଦା ପୂରଣ କରିବାରେ ସହାୟତା କରିଛି। ପର୍ଯ୍ୟଟନ ଓ ତୀର୍ଥଯାତ୍ରା ମାର୍ଗଗୁଡ଼ିକରେ ନିରନ୍ତର ଯାତ୍ରୀ ଚାହିଦା ସହିତ ଡିଜିଟାଲ୍ ଟିକେଟ୍ ବୁକିଂ ସୁବିଧାର ବ୍ୟାପକ ବ୍ୟବହାର ମଧ୍ୟ ଏହି ସଫଳତାରେ ଅବଦାନ ରଖିଛି।

ଯାତ୍ରୀ ଆୟ ବୃଦ୍ଧିରେ ପୂର୍ବ ତଟ ରେଳପଥର ସମସ୍ତ ମଣ୍ଡଳ ଅବଦାନ ରଖିଛନ୍ତି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ୭୪୪.୯୬ କୋଟି ଟଙ୍କାର ଯାତ୍ରୀ ଆୟ କରି ଗତବର୍ଷ ତୁଳନାରେ ୧୮.୬୮% ଅଭିବୃଦ୍ଧି ହାସଲ କରିଛି। ସେହିପରି ସମ୍ବଲପୁର ମଣ୍ଡଳ ୧୩୩.୭୬ କୋଟି ଟଙ୍କା ଆୟ ସହିତ ୧୨.୭୮% ଅଭିବୃଦ୍ଧି ରେକର୍ଡ କରିଥିବାବେଳେ ରାୟଗଡ଼ା ମଣ୍ଡଳ ୫୩.୧୦ କୋଟି ଟଙ୍କା ଆୟ କରି ୨୪.୪୧% ଅଭିବୃଦ୍ଧି ହାସଲ କରିଛି। ଏହି




ସମନ୍ୱିତ ତଥ୍ୟରେ ୨୦୨୬ ଏପ୍ରିଲ୍ ଓ ମେ ମାସର ତତ୍କାଳୀନ ୱାଲଟିୟର ମଣ୍ଡଳର ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି।ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥରେ ମୋଟ ୩୮.୭୭ ମିଲିଅନ ଯାତ୍ରୀ ଟିକେଟ୍ ବୁକିଂ ହୋଇଛି। ଗତବର୍ଷ ସମାନ ଅବଧିରେ ଏହି ସଂଖ୍ୟା ୩୮.୧୦ ମିଲିଅନ ଥିଲା, ଯାହା ୧.୭୬% ଅଭିବୃଦ୍ଧିକୁ ଦର୍ଶାଉଛି।

ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମଧ୍ୟ ରେଳପଥର ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ପୂର୍ବ ତଟ ରେଳପଥ ଟିକେଟ୍ ବିନା ଯାତ୍ରା ଏବଂ ଅନିୟମିତ ଯାତ୍ରା ସମ୍ପର୍କିତ ୫.୧୫ ଲକ୍ଷ ମାମଲା ଚିହ୍ନଟ କରି ୩୬.୨୧ କୋଟି ଟଙ୍କା ଆଦାୟ କରିଛି। ଗତବର୍ଷ ସମାନ ଅବଧି ତୁଳନାରେ ଟିକେଟ୍ ଯାଞ୍ଚରୁ ଆୟରେ ୨୭.୨୮% ବୃଦ୍ଧି ହୋଇଛି। ଏହା ନିୟମିତ ଓ ଲକ୍ଷ୍ୟଭିତ୍ତିକ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ରାଜସ୍ୱ ଆଦାୟରେ ଉନ୍ନତିକୁ ପ୍ରତିଫଳିତ କରୁଛି।ଯାତ୍ରୀ ଆୟରେ ଏହି ସାମଗ୍ରିକ ଅଭିବୃଦ୍ଧି ରେଳ ଯାତ୍ରା ପ୍ରତି ଯାତ୍ରୀଙ୍କ ନିରନ୍ତର ଚାହିଦା, ବିଭିନ୍ନ ପ୍ରକାରର ଟ୍ରେନ୍ ସେବାର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଯାତ୍ରୀ ପରିବହନ କ୍ଷମତା ବୃଦ୍ଧି ଏବଂ ରାଜସ୍ୱ ଆଦାୟକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ପରିଣାମ। ଯାତ୍ରୀମାନଙ୍କୁ ସୁବିଧାଜନକ ରେଳ ସେବା ଯୋଗାଇବା, ଟିକେଟ୍ ଯାଞ୍ଚ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିରେ ଉନ୍ନତି ଆଣିବା ଦିଗରେ ପୂର୍ବ ତଟ ରେଳପଥ ନିରନ୍ତର ପ୍ରୟାସ ଜାରି ରଖିଛି।

# ଭାରତୀୟ ଯୋଗ ସଂସ୍ଥାନ, ଭି.ଆଇ.ପି. ପାର୍କ କେନ୍ଦ୍ରର ପ୍ରଥମ ବାର୍ଷିକ

ଭୁବନେଶ୍ୱର,୧୬।୧୦(ମହାଭାରତ): ଭାରତୀୟ ଯୋଗ ସଂସ୍ଥାନର ନୟାପଲ୍ଲୀ ଯୋଗ ଜିଲ୍ଲା ଅଧୀନସ୍ଥ ଭି.ଆଇ.ପି. ପାର୍କ ଯୋଗ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଗତକାଲି ରବିବାର ଭକ୍ତି, ଆନନ୍ଦ ଓ ଉତ୍ସାହମୟ ପରିବେଶରେ ଗରିମାମୟ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗସାଧକ-ସାଧିକା, ସଂସ୍ଥାନର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଭଜନ, ପ୍ରଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନାରେ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏହାପରେ ସାଧକ-ସାଧିକାମାନେ ଶୃଙ୍ଖଳିତ ଭାବେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଯୋଗାଭ୍ୟାସର ମନୋରମ ପ୍ରଦର୍ଶନ କରିଥିଲେ।



ଯୋଗର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉପକାରିତା ସମ୍ପର୍କରେ କେତେକ ସଦସ୍ୟ ନିଜସ୍ୱ ଅନୁଭୂତି ବାଣ୍ଟିଥିଲେ। ସେମାନଙ୍କର ପ୍ରେରଣାଦାୟକ କଥା ଉପସ୍ଥିତ ଜନସାଧାରଣଙ୍କ ମନରେ ଯୋଗ ପ୍ରତି ଆଗ୍ରହ ଓ ସଚେତନତା ସୃଷ୍ଟି କରିଥିଲା। ଉତ୍ସବରେ ଓଡ଼ିଶା ପ୍ରାନ୍ତ ପ୍ରଧାନ ଶ୍ରୀ ସୁରେଶ କୁମାର ମହାପାତ୍ର, ପ୍ରାନ୍ତ ସଦସ୍ୟ ତଥା କୋଷାଧକ୍ଷ ଶ୍ରୀ ରଘୁନାଥ ରେଡ୍ଡୀ, ବରିଷ୍ଠ ପ୍ରାନ୍ତ ସଦସ୍ୟା ତଥା ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ମଞ୍ଜୁଳା ମିଶ୍ର, ବରମୁଣ୍ଡା ଯୋଗ ଜିଲ୍ଲା ପ୍ରଧାନ ଶ୍ରୀ ପ୍ରଦୀପ୍ତ କୁମାର ମହାନ୍ତି, ନୟାପଲ୍ଲୀ ଜିଲ୍ଲା ପ୍ରଧାନ ଶ୍ରୀ ଜ୍ୟୋତିର୍ମୟ ରଥ, ଜିଲ୍ଲା ମନ୍ତ୍ରୀ ଶ୍ରୀ ରାମ କିଶୋର ଶର୍ମା, ବରମୁଣ୍ଡା ଜିଲ୍ଲା ମନ୍ତ୍ରୀ ଶ୍ରୀମତୀ ଜୟଶ୍ରୀ ପଣ୍ଡା, ଜିଲ୍ଲା ସଂଗଠନ ମନ୍ତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ମହାପାତ୍ର ଓ ନୟାପଲ୍ଲୀ ଜିଲ୍ଲା ସଂଗଠନ ଶ୍ରୀମତୀ ମମତା ଦାଶ ପ୍ରମୁଖ ଉପସ୍ଥିତ ରହି ସାଧକ-ସାଧିକାମାନଙ୍କୁ ଉତ୍ସାହିତ କରିଥିଲେ। ଇନ୍ଦ୍ରଧନୁ କ୍ଷେତ୍ର ପ୍ରଧାନ ଶ୍ରୀମତୀ ପୁଷ୍ପିତା ପଣ୍ଡା ଓ କେନ୍ଦ୍ର ପ୍ରମୁଖ ଶ୍ରୀମତୀ ସୁକାନ୍ତି ମୁଖୀଙ୍କ ତତ୍ତ୍ୱାବଧାନରେ ସମଗ୍ର ଉତ୍ସବ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। କ୍ଷେତ୍ର ସଂଗଠନ ମନ୍ତ୍ରୀ ଶ୍ରୀମତୀ ଅନିତା ନାୟକ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ଆୟୋଜକମାନଙ୍କର ସୁସଂଗଠିତ ପ୍ରୟାସ ଓ ସଦସ୍ୟମାନଙ୍କର ସକ୍ରିୟ ସହଯୋଗ ଯୋଗୁଁ ଉତ୍ସବଟି ଅତ୍ୟନ୍ତ ସଫଳ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମ ଯୋଗ, ଶୃଙ୍ଖଳା, ସେବା, ଭକ୍ତି ଓ ସାମୂହିକ ଉତ୍ସାହର ଏକ ଅନନ୍ୟ ସମନ୍ୱୟର ଚିତ୍ର ପ୍ରଦର୍ଶନ କରିଥିଲା। ଭି.ଆଇ.ପି. ପାର୍କ ଯୋଗ କେନ୍ଦ୍ରର ଏହି ପ୍ରଥମ ବାର୍ଷିକ ଉତ୍ସବ ଆଗାମୀ ଦିନରେ ଯୋଗାଭ୍ୟାସର ପ୍ରସାର ଓ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଁ ଏକ ନୂତନ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ସମସ୍ତେ ଆଶା ପ୍ରକାଶ କରିଥିଲେ।

# ଗଣତନ୍ତ୍ରର ମର୍ଯ୍ୟାଦା

ଭୁବନେଶ୍ୱରରେ ଗୋଟିଏ ସରକାରୀ କାର୍ଯ୍ୟକ୍ରମକୁ ନେଇ ମେୟରର ସୁଲୋଚନା ଦାସ ଏବଂ ଭୁବନେଶ୍ୱର ମହାନଗର ନିଗମର ଆୟୁକ୍ତ ଚଞ୍ଚଳ ରାଣାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଏବେ ଏକ ବଡ଼ ପ୍ରଶାସନିକ ପ୍ରଶ୍ନକୁ ସାମ୍ନାକୁ ଆଣିଛି। ଘଟଣାଟି ଗୁରୁତ୍ୱପୂର୍ଣ୍ଣ ହେବାର କାରଣ କେବଳ ଏତିକି ନୁହେଁ ଯେ ଜଣେ ମେୟରଙ୍କ ନାମ ଗୋଟିଏ କାର୍ଯ୍ୟକ୍ରମରେ ସ୍ଥାନ ପାଇନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି; ବରଂ ଏହି କାର୍ଯ୍ୟକ୍ରମଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସ୍ଥାନୀୟ ବିଧାୟକ ବାବୁ ସିଂହ ଓ ପ୍ରଶାନ୍ତ ଜଗଦ୍ଦେବଙ୍କ ଉପସ୍ଥିତି ମଧ୍ୟ ଏହାକୁ ଅଧିକ ଗୁରୁତ୍ୱ ଦେଇଛି। ଏପରି ପରିସ୍ଥିତିରେ ମହାନଗର ନିଗମର ନିର୍ବାଚିତ ମୁଖ୍ୟଙ୍କ ନାମ କାର୍ଯ୍ୟକ୍ରମରେ କାହିଁକି ସ୍ଥାନ ପାଇଲା ନାହିଁ, ଏହାର ଦାୟିତ୍ୱ କାହାର ଥିଲା ଏବଂ ଏପରି ଏକ ସ୍ଥିତି କିପରି ସୃଷ୍ଟି ହେଲା, ସେ ସମ୍ପର୍କରେ ସ୍ପଷ୍ଟୀକରଣ ଆସିବା ଆବଶ୍ୟକ। ତଥାପି, ଘଟଣାର ସମସ୍ତ ତଥ୍ୟ, ନିମନ୍ତ୍ରଣପତ୍ରର ଅନ୍ତିମ ରୂପ ଏବଂ ସମ୍ପୃକ୍ତ ପକ୍ଷଙ୍କ ବ୍ୟାଖ୍ୟା ସାମ୍ନାକୁ ନଆସିବା ପର୍ଯ୍ୟନ୍ତ ଏହାକୁ ଉଦ୍ଦେଶ୍ୟପ୍ରଣୋଦିତ ଅପମାନ ବୋଲି ଚୂଡ଼ାନ୍ତ ଭାବେ ଘୋଷଣା କରିବା ଉଚିତ ହେବ ନାହିଁ। କିନ୍ତୁ ଏହି ସତର୍କତାର ଅର୍ଥ ଏହା ମଧ୍ୟ ନୁହେଁ ଯେ ନିର୍ବାଚିତ ଜନପ୍ରତିନିଧିଙ୍କ ମର୍ଯ୍ୟାଦା ସହିତ ଜଡ଼ିତ ପ୍ରଶ୍ନକୁ ହାଲୁକା ଭାବେ ନିଆଯିବ। ଏହା ଏକ ସ୍ୱଚ୍ଛ ତଦନ୍ତ, ଉତ୍ତରଦାୟିତ୍ୱ ଓ ଭବିଷ୍ୟତରେ ଏପରି ତ୍ରୁଟି ନହେବା ପାଇଁ ଦୃଢ଼ ବ୍ୟବସ୍ଥା ଦାବି କରୁଛି। ଏଠାରେ ପ୍ରଥମେ ଗୋଟିଏ ମୌଳିକ କଥା ସ୍ପଷ୍ଟ କରିବା ଆବଶ୍ୟକ—ସରକାରୀ କାର୍ଯ୍ୟକ୍ରମରେ ଆସନ, ନାମ, ନିମନ୍ତ୍ରଣ ଓ ମଞ୍ଚରେ ସ୍ଥାନ ନିର୍ଦ୍ଧାରଣ କେବଳ ଔପଚାରିକତା ନୁହେଁ; ଏହା ସାମ୍ବିଧାନିକ ମର୍ଯ୍ୟାଦା, ପ୍ରଶାସନିକ ଶୃଙ୍ଖଳା ଓ ନିର୍ବାଚିତ ସଂସ୍ଥାଗୁଡ଼ିକ ପ୍ରତି ସମ୍ମାନର ପ୍ରତୀକ। ଯେଉଁ ସହରର ନାଗରିକମାନେ ନିଜର ଭୋଟ ଦେଇ ମେୟରଙ୍କୁ ନିର୍ବାଚିତ କରିଛନ୍ତି, ସେହି ସହରର ମହାନଗର ନିଗମ ସମ୍ପର୍କିତ କିମ୍ବା ସହରର ଉନ୍ନତି ସହିତ ସିଧାସଳଖ ଜଡ଼ିତ କାର୍ଯ୍ୟକ୍ରମରେ ମେୟରଙ୍କ ଭୂମିକାକୁ ଅବହେଳା କରାଯିବା ଉଚିତ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି କୌଣସି ଅନ୍ୟ ଜନପ୍ରତିନିଧିଙ୍କ ମର୍ଯ୍ୟାଦାକୁ କମାଇ ଦିଏ ନାହିଁ; ବରଂ ଏପରି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ଭୂମିକା ଓ ଦାୟିତ୍ୱକୁ ଅଧିକ ସ୍ପଷ୍ଟତାର ସହିତ ସମ୍ମାନ ଦେବା ଆବଶ୍ୟକ। ମେୟର କୌଣସି ବ୍ୟକ୍ତିଗତ ଉପାଧି ନୁହନ୍ତି; ସେ ମହାନଗର ନିଗମର ନିର୍ବାଚିତ ମୁଖ୍ୟ ଏବଂ ସହରବାସୀଙ୍କ ଆଶାଆକାଂକ୍ଷାର ଏକ ପ୍ରତିନିଧି। ସେହିପରି ମହାନଗର ନିଗମର ଆୟୁକ୍ତ ମଧ୍ୟ ଜଣେ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଅଧିକାରୀ, ଯାହାଙ୍କ ଦାୟିତ୍ୱ ହେଉଛି ଆଇନ, ନିୟମ ଓ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ନିଗମର କାର୍ଯ୍ୟକୁ ସୁଚାରୁ ଭାବେ ପରିଚାଳନା କରିବା। ଏହି ଦୁଇଟି ପଦର କାର୍ଯ୍ୟକ୍ଷେତ୍ର ଭିନ୍ନ ହୋଇପାରେ, କିନ୍ତୁ ସହରର ଉନ୍ନତି ପାଇଁ ଉଭୟଙ୍କ ମଧ୍ୟରେ ସମନ୍ୱୟ ଅପରିହାର୍ଯ୍ୟ। ତେଣୁ ମେୟର ଓ ଆୟୁକ୍ତଙ୍କ ମଧ୍ୟରେ ମତଭେଦ ଯଦି ସାମ୍ନାକୁ ଆସେ, ତାହାର ସମାଧାନ ବ୍ୟକ୍ତିଗତ ଅହଂକାର, ସାର୍ବଜନୀନ ବାକ୍ ?ଯୁଦ୍ଧ କିମ୍ବା ପରସ୍ପରକୁ ଦୋଷାରୋପ କରିବା ମାଧ୍ୟମରେ ନୁହେଁ; ବରଂ ନିୟମ, ତଥ୍ୟ, ଦାୟିତ୍ୱ ଓ ଆଲୋଚନା ମାଧ୍ୟମରେ ହେବା ଦରକାର। ତଥାପି ଏହି ଘଟଣାରେ ଯଦି ନିମନ୍ତ୍ରଣପତ୍ର ପ୍ରସ୍ତୁତି କିମ୍ବା କାର୍ଯ୍ୟକ୍ରମ ଆୟୋଜନରେ ପ୍ରଶାସନିକ ଅବହେଳା ହୋଇଥାଏ, ତେବେ ତାହାକୁ ଏକ ସାଧାରଣ ଭୁଲ୍ ? କହି ଏଡ଼ାଇ ଦେବା ଠିକ୍ ? ହେବ ନାହିଁ। ଯେଉଁ ଅଧିକାରୀଙ୍କ ଉପରେ ନିମନ୍ତ୍ରଣପତ୍ର ପ୍ରସ୍ତୁତି, ଅତିଥିଙ୍କ ତାଲିକା ଅନୁମୋଦନ ଓ କାର୍ଯ୍ୟକ୍ରମର ବ୍ୟବସ୍ଥା ନିର୍ବାହର ଦାୟିତ୍ୱ ଥିଲା, ତାହା ଚିହ୍ନଟ କରିବା ଦରକାର। ନାମ କେଉଁ ସ୍ତରରେ ଛାଡ଼ିଗଲା, ତାହା ଅଜାଣତରେ ହେଲା ନା ଯାଞ୍ଚର ଅଭାବରୁ ହେଲା, ଏବଂ ଅନ୍ତିମ ନିମନ୍ତ୍ରଣପତ୍ରକୁ କିଏ ଅନୁମୋଦନ କଲେ—ଏହି ସବୁ ପ୍ରଶ୍ନର ଉତ୍ତର ମିଳିବା ଉଚିତ। ଯଦି ଏହା କେବଳ ଅସାବଧାନତା, ତେବେ ଭୁଲ୍ ? ସ୍ୱୀକାର କରି ସୁଧାର କରିବା ହେଉଛି ପ୍ରଶାସନର ପରିପକ୍ୱତା। ଯଦି ନିୟମ ଉଲ୍ଲଂଘନ ହୋଇଛି, ତେବେ ତାହାର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଆବଶ୍ୟକ। କିନ୍ତୁ ପ୍ରମାଣ ବିନା କୌଣସି ଅଧିକାରୀଙ୍କ ଉପରେ ଉଦ୍ଦେଶ୍ୟପ୍ରଣୋଦିତ ଅପମାନର ଅଭିଯୋଗ ଲଗାଇବା ମଧ୍ୟ ନ୍ୟାୟସଙ୍ଗତ ହେବ ନାହିଁ। ଏହି ଘଟଣାର ଆଉ ଗୋଟିଏ ପ୍ରମୁଖ ଦିଗ ହେଉଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ମର୍ଯ୍ୟାଦା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ନିର୍ବାଚିତ ଶାସନର ମୁଖ୍ୟ। ତାଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ସମୟାନୁବର୍ତ୍ତିତା, ଶୃଙ୍ଖଳା ଓ ସମସ୍ତ ଆମନ୍ତ୍ରିତ ଜନପ୍ରତିନିଧିଙ୍କ ପ୍ରତି ଉଚିତ ସମ୍ମାନ ରହିବା ଆବଶ୍ୟକ। ଏପରି କାର୍ଯ୍ୟକ୍ରମରେ ଯଦି ମଞ୍ଚରେ ଉପସ୍ଥିତ ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ସାମ୍ନାକୁ ଆସେ, ତେବେ ଏହା କେବଳ ଆୟୋଜନର ଦୁର୍ବଳତାକୁ ନୁହେଁ, ପ୍ରଶାସନିକ ପ୍ରସ୍ତୁତିର ଗୁଣବତ୍ତାକୁ ମଧ୍ୟ ପ୍ରଶ୍ନ କରେ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ସ୍ଥାନୀୟ ବିଧାୟକ ବାବୁ ସିଂହ ଏବଂ ପ୍ରଶାନ୍ତ ଜଗଦ୍ଦେବଙ୍କ ଉପସ୍ଥିତି ଥିବାରୁ ଏହି ପ୍ରସଙ୍ଗକୁ ଅଧିକ ସତର୍କତାର ସହିତ ପରିଚାଳନା କରାଯିବା ଉଚିତ ଥିଲା। ସେମାନଙ୍କ ଉପସ୍ଥିତି ମାତ୍ରରୁ କାହାର ଦୋଷ ସିଦ୍ଧ ହୁଏ ନାହିଁ; କିନ୍ତୁ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ କେତେ ଆବଶ୍ୟକ, ଏହା ସ୍ପଷ୍ଟ ହୁଏ। ରାଜଧାନୀ ଭୁବନେଶ୍ୱର କେବଳ ରାଜ୍ୟର ପ୍ରଶାସନିକ କେନ୍ଦ୍ର ନୁହେଁ; ଏହା ରାଜ୍ୟର ଶାସନଶୈଳୀ, ନାଗରିକ ସେବା ଓ ସହରୀୟ ପରିଚାଳନାର ମାନଦଣ୍ଡ ମଧ୍ୟ। ଯଦି ରାଜଧାନୀରେ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ନେଇ ପ୍ରଶ୍ନ ଉଠେ, ତେବେ ଅନ୍ୟ ସହର ଓ ପୌରାଞ୍ଚଳର ପ୍ରଶାସନିକ ସଂସ୍କୃତି ଉପରେ ମଧ୍ୟ ତାହାର ପ୍ରଭାବ ପଡ଼ିପାରେ। ତେଣୁ ଏହି ଘଟଣାକୁ କୌଣସି ଗୋଟିଏ ବ୍ୟକ୍ତିଙ୍କ ଅସନ୍ତୋଷ ଭାବେ ସୀମିତ ରଖିବା ଠିକ୍ ? ହେବ ନାହିଁ। ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରି ସରକାରୀ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସ୍ଥାନ, ନିମନ୍ତ୍ରଣ ଓ ଭୂମିକା ସମ୍ପର୍କିତ ପଦ୍ଧତିକୁ ଅଧିକ ସ୍ପଷ୍ଟ କରିବା ଦରକାର। ମେୟରଙ୍କ ଅସନ୍ତୋଷକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ବୁଝିବା ଆବଶ୍ୟକ। ଜଣେ ନିର୍ବାଚିତ ମେୟର ଯଦି ଭାବନ୍ତି ଯେ ତାଙ୍କର ପଦବୀ ଓ ଦାୟିତ୍ୱକୁ ଯଥାଯଥ ସମ୍ମାନ ମିଳିନାହିଁ, ତେବେ ସେ ନିଜର ଅସନ୍ତୋଷ ପ୍ରକାଶ କରିବାର ଅଧିକାର ରଖନ୍ତି। ଗଣତନ୍ତ୍ରରେ ଜନପ୍ରତିନିଧିଙ୍କୁ ନିଜର ମର୍ଯ୍ୟାଦା ସମ୍ପର୍କରେ ପ୍ରଶ୍ନ ଉଠାଇବା ପାଇଁ ଅନୁମତି ନେବାକୁ ପଡ଼ ? ନାହିଁ। କିନ୍ତୁ ଏହି ଅଧିକାର ସହିତ ଏକ ଦାୟିତ୍ୱ ମଧ୍ୟ ଜଡ଼ିତ—ଅସନ୍ତୋଷ ପ୍ରକାଶର ଉଦ୍ଦେଶ୍ୟ ହେଉ ସମସ୍ୟାର ସମାଧାନ, ବ୍ୟକ୍ତିଗତ ବିବାଦକୁ ବଢ଼ାଇବା ନୁହେଁ। ସେହିପରି ଜଣେ ପ୍ରଶାସନିକ ଅଧିକାରୀଙ୍କର ମଧ୍ୟ ଦାୟିତ୍ୱ ହେଉଛି ନିର୍ବାଚିତ ପ୍ରତିନିଧିଙ୍କ ସହିତ ସମ୍ମାନଜନକ ଭାବେ ବ୍ୟବହାର କରିବା, ନିଜର ନିଷ୍ପତ୍ତିର ଆଧାର ସ୍ପଷ୍ଟ କରିବା ଓ ମତଭେଦକୁ ପ୍ରଶାସନିକ ପଦ୍ଧତିରେ ସମାଧାନ କରିବା। କୌଣସି ପଦର ମର୍ଯ୍ୟାଦା ଅନ୍ୟ ପଦର ମର୍ଯ୍ୟାଦାକୁ ହ୍ରାସ କରିବାର ଅଧିକାର ଦିଏ ନାହିଁ। ଏହା ହିଁ ଗଣତାନ୍ତ୍ରିକ ପ୍ରଶାସନର ମୂଳ ନୀତି। ଏହି ଘଟଣାରୁ ମହାନଗର ନିଗମ ପାଇଁ ମଧ୍ୟ ଗୋଟିଏ ସ୍ପଷ୍ଟ ଶିକ୍ଷା ମିଳୁଛି। ମେୟର ଓ ଆୟୁକ୍ତଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ, ନିଷ୍ପତ୍ତି ଗ୍ରହଣ, ଅନୁମୋଦନ ଓ ଯୋଗାଯୋଗର ପଦ୍ଧତି ସ୍ପଷ୍ଟ ରହିବା ଦରକାର। ଯେଉଁଠାରେ ଅଧିକାର ଓ ଦାୟିତ୍ୱର ସୀମା ସ୍ପଷ୍ଟ ନଥାଏ, ସେଠାରେ ମତଭେଦ ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ସରକାରୀ ନିୟମ ଅନୁଯାୟୀ କିଏ କେଉଁ ନିଷ୍ପତ୍ତି ନେବେ, କାର୍ଯ୍ୟକ୍ରମର ଆୟୋଜନ କିଏ କରିବେ, ନିମନ୍ତ୍ରଣପତ୍ର କିଏ ଯାଞ୍ଚ କରିବେ ଏବଂ ଅନ୍ତିମ ଅନୁମୋଦନ କାହା ଦାୟିତ୍ୱରେ ରହିବ, ତାହା ସ୍ପଷ୍ଟ କରିବା ଆବଶ୍ୟକ। ପ୍ରତ୍ୟେକ ବଡ଼ କାର୍ଯ୍ୟକ୍ରମ ପୂର୍ବରୁ ଅତିଥିଙ୍କ ତାଲିକା, ପଦବୀ, ଆମନ୍ତ୍ରଣର ସ୍ଥିତି ଓ ମଞ୍ଚ ବ୍ୟବସ୍ଥାକୁ ଦୁଇଥର ଯାଞ୍ଚ କରିବାର ପଦ୍ଧତି ରହିବା ଉଚିତ। ଏପରି ସରଳ ବ୍ୟବସ୍ଥା ଏକପଟେ ଅନାବଶ୍ୟକ ବିବାଦକୁ ରୋକିବ, ଅନ୍ୟପଟେ ପ୍ରଶାସନର ବିଶ୍ୱସନୀୟତାକୁ ବଢ଼ାଇବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସମ୍ପୃକ୍ତ ବିଭାଗ ମଧ୍ୟ ଏହି ଘଟଣାରୁ ଉଚିତ ଶିକ୍ଷା ନେବା ଆବଶ୍ୟକ। ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଅନେକ ବିଭାଗ ଜଡ଼ିତ ରହୁଥିବାରୁ ଶେଷ ମୁହୂର୍ତ୍ତର ଅସ୍ପଷ୍ଟତା ଓ ଦାୟିତ୍ୱହୀନତାକୁ ଏଡ଼ାଇବା ପାଇଁ ସମନ୍ୱିତ ପ୍ରସ୍ତୁତି ଆବଶ୍ୟକ। ଯଦି ମେୟରଙ୍କ ନାମ ନିମନ୍ତ୍ରଣପତ୍ରରେ ରହିବା ଉଚିତ ଥିଲା ଏବଂ ତାହା ଅନୁଚିତ ଭାବେ ଛାଡ଼ି ଦିଆଯାଇଛି, ତେବେ ଦାୟିତ୍ୱ ନିର୍ଦ୍ଧାରଣ ହେବା ଦରକାର। ଯଦି କୌଣସି ବିଶେଷ ନିୟମ କିମ୍ବା କାର୍ଯ୍ୟକ୍ରମର ପ୍ରକୃତି ଯୋଗୁଁ ଏପରି ହୋଇଥାଏ, ତେବେ ସେହି ଆଧାର ସାର୍ବଜନୀନ ଭାବେ ସ୍ପଷ୍ଟ କରାଯିବା ଉଚିତ। ନୀରବତା ଅନେକ ସମୟରେ ସନ୍ଦେହକୁ ବଢ଼ାଏ, ଯେତେବେଳେ ସ୍ପଷ୍ଟୀକରଣ ଓ ସଂଳାପ ବିବାଦକୁ ହ୍ରାସ କରେ। ତେଣୁ ସମ୍ପୃକ୍ତ ପକ୍ଷମାନେ ଖୋଲା ମନରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ଉଚିତ। ଭୁବନେଶ୍ୱରର ନାଗରିକମାନେ ଏହି ବିବାଦ ମଧ୍ୟରେ ନିଜର ମୂଳ ପ୍ରଶ୍ନକୁ ଭୁଲିଯିବା ଉଚିତ ନୁହେଁ।

# ଯା ଦେବୀ ସର୍ବଭୂତେଷୁ !

**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଭାରତରେ ପାଳିତ ହେଉଥିବା ବିଶିଷ୍ଟ ପର୍ବପର୍ବାଣୀ ମଧ୍ୟରୁ ଦଶହରା ଅନ୍ୟତମ। ସହରମାନଙ୍କରେ ଏହା ଖୁବ୍ ଜାକଜମକରେ ହେଉଥିବାବେଳେ ଗ୍ରାମାଞ୍ଚଳରେ ଅତି ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଏ। ବିଷ୍ଣୁ ପୂଜା, ଶିବ ପୂଜା ଓ ମାତୃପୂଜାର ପ୍ରଶସ୍ତ ଅବସର ଆରମ୍ଭ ହୁଏ ଗଣେଶ ପୂଜା ଠାରୁ ଏବଂ କାର୍ତ୍ତିକେଶ୍ୱର ପୂଜାରେ ମାନସିକତା ବିଶ୍ରାମ ନିଏ। ବିଭିନ୍ନ ପର୍ବପର୍ବାଣୀ ପାଳନର ତାତ୍ପର୍ଯ୍ୟ ଜାଣିବା ନିତାନ୍ତ ଆବଶ୍ୟକ, ନଚେତ୍ କେବଳ ଶାରୀରିକ, ଆର୍ଥିକ ଶ୍ରମ ହିଁ ସାର ହେବ। ଦଶହରା ଦୁର୍ଗାପୂଜା ଅନ୍ତରାଳରେ ଥିବା କିମ୍ବଦନ୍ତୀକୁ ଅନ୍ତରର ସହ ବିଶ୍ୱାସ କରିବାକୁ ହେବ। ଏଗୁଡ଼ିକ କେବଳ ମାତ୍ର ଗଳ୍ପ ବା ଅନ୍ଧବିଶ୍ୱାସ ନୁହେଁ। ଆଜିକାଲି ମଣିଷ ଏଭଳି ଅବସ୍ଥାରେ ଅଛି ଯେ ସେ ସମୟରେ ଯାହା ଘଟିଥିଲା ତାହାକୁ ବିଶ୍ୱାସ କରିପାରୁନାହିଁ। ଏହାର କାରଣ ଖୋଜିବସିଲେ ଦେଖାଯାଏ ସେ ସମୟର ତପସ୍ୟା ଆଜିକାଲି ନାହିଁ, ସେ ସମୟରେ ପାଳିତ ହେଉଥିବା ମୂଲ୍ୟବୋଧ, ଆଦର୍ଶ, ଦାନଶୀଳତା, କର୍ମନିଷ୍ଠା, ଗୁରୁଜନ ଭକ୍ତି, ମାତୃଜାତି ପ୍ରତି ସମ୍ମାନ, ନାରୀମାନଙ୍କ ସତୀତ୍ୱ ଓ ଜନସାଧାରଣଙ୍କ ଚରିତ୍ରବତ୍ତା ଆଜିକାଲି ବିରଳ। ଦୁଃଖର କଥା ସେଥିପାଇଁ କେହି ଦୁଃଖିତ ବା ଅନୁତପ୍ତ ନୁହନ୍ତି। ଅପରପକ୍ଷରେ ଅଧିକାଂଶ ପରିଶ୍ରମକାତର, ଗୁରୁ-ଗୁରୁଜନଙ୍କ କଥା ଓ ଆପ୍ତବାକ୍ୟ ପ୍ରତି ଉଦାସୀନ, ଶାସ୍ତ୍ରୋକ୍ତ ନୀତି ନିୟମର ଅବହେଳା, ତା ସାଙ୍ଗକୁ ଆରାମପ୍ରଦ ଜୀବନ ଦରକାର, ଅଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ ଦରକାର, କେହି ଆମର ଦୋଷ ଗୁଣ ଦେଖାଇବେ ନାହିଁ, ଯଦି କେହି କହିଲା ମାନସମ୍ମାନ ହରାଇବା ସୁନିଶ୍ଚିତ, କର୍ତ୍ତବ୍ୟଜ୍ଞାନ ନଥାଇ ଅଧିକାର ପ୍ରାପ୍ତ ହେବାର ଇଚ୍ଛା, ସମାଜ ପ୍ରତି ମୋ କର୍ତ୍ତବ୍ୟକୁ ସମ୍ପାଦନ ନକରି ସମାଜ ମୋ ପାଇଁ କ'ଣ ନକଲା ତାହାର ହିସାବ କରିବା, ପରିବାରର ଭିତରେ ମଧ୍ୟ ଅବସ୍ଥା ପୁରାପୁରି ସ୍ୱାର୍ଥକୈନ୍ଦ୍ରିକ, ସମାଜର ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, ପରିବାର ଭିତରେ ମଧ୍ୟ କେହି କାହା ପାଇଁ ଚିନ୍ତିତ ନୁହନ୍ତି, ସ୍ୱାର୍ଥପରତାପୂର୍ଣ୍ଣ ମନ ଓ ହୃଦୟର ରାଜତ୍ୱ ଏପରି ସ୍ଥଳେ ପୌରାଣିକ ସମୟର କଥା କିପରି ବିଶ୍ୱାସ ହୁଅନ୍ତା ?

ତଥାପି ସୌଭାଗ୍ୟର କଥା ପୂଜା କରାଯାଉଛି, ବନ୍ଦନା ବୋଲାଯାଉଛି, ପୁସ୍ତକ ବିକ୍ରି ହେଉଛି, ମନ୍ଦିର ଗୁଡ଼ିକୁ ଅଧିକ ସୁନ୍ଦର କରାଯାଉଛି, ଘରେ ଘରେ ଉପସନାସ୍ଥଳୀରେ ସାଜସଜ୍ଜା ମଧ୍ୟରେ ପୂଜା ଆରାଧନା କରାଯାଉଛି। ଏହାର କାରଣ ପରିଷ୍କାର। ମଣିଷର ସାମାଜିକ ଚଳଣୀ, ପାରିବାରିକ ଚଳଣୀ ଯେତେ ବଦଳିଗଲେ ସୁଦ୍ଧା ବ୍ୟକ୍ତିଗତ ହୃଦୟର କାହିଁ କେଉଁ ନିଭୃତ କୋଣରେ ଦିବ୍ୟସତ୍ତା ତା'ର ପ୍ରେମ ଭାବ ବିସ୍ତାର କରି ସ୍ୱାର୍ଥଜଡ଼ିତ ମାନବ ଜାତିକୁ ପୁନଃ ସଂସ୍କାରିତ କରିବାରେ ସଫଳ ହୋଇଚାଲିଛି।

ଏହି ପ୍ରେମଭାବ ହିଁ ଭଗବାନ ଓ ମଣିଷ ମଧ୍ୟରେ ଭାବସୂତ୍ର। ମଣିଷ ମଣିଷ ମଧ୍ୟରେ ଯୋଗସୂତ୍ର ଓ ବ୍ୟକ୍ତି ହୃଦୟରେ ଉଙ୍କି ମାରୁଥିବା ଭକ୍ତି, ସ୍ନେହ, ଶ୍ରଦ୍ଧା। ଉପହାର ନାମରେ ପୁଣି କିଛି ତ୍ୟାଗର ପୁନଃ ପ୍ରଚଳନ। ବିଶେଷକରି ଭାରତରେ ସେ ପ୍ରାଚୀନ ମୂଲ୍ୟବୋଧ ଓ ଆଦର୍ଶ ପୁନର୍ବାର ପ୍ରତିଷ୍ଠିତ ହୋଇଯାଏ କାରଣ ସେହି ଏକ ଭଗବାନ ଭିନ୍ନ ଭିନ୍ନ ନାମ ରୂପ ଧରି, ସମୟର ବିଭିନ୍ନ ପର୍ଯ୍ୟାୟରେ, ବିଭିନ୍ନ ରାଜ୍ୟରେ ମାନବ ଶରୀର ଧରି ଜନ୍ମଗ୍ରହଣ କରି ବିଭିନ୍ନ ଭାଷା ମାଧ୍ୟମରେ ସେହି ପ୍ରାଚୀନକୁ ନବୀନ ରୂପ ଦେଇ ପୁନଃ ପ୍ରଚାର କରନ୍ତି ଓ ତାହାର ଅଲୌକିକ ଶକ୍ତିର ନିଦର୍ଶନ ଜନସମାଜକୁ ଦେଖାଇ ଦେଇଥାଆନ୍ତି। ତେଣୁ ଏଠାରେ ମୂଲ୍ୟବୋଧର ଗ୍ଲାନି ଅସମ୍ଭବ। କେତେବେଳେ କେଉଁ ଅବସରରେ ତାହାର ଆଭାସ ଦେଖାଦେଲେ ମଧ୍ୟ ପରବର୍ତ୍ତୀ ସମୟରେ ଗ୍ଲାନୀ ଅପସରିଯାଏ। ଦିବ୍ୟ ସତ୍ତାର ହସ୍ତକ୍ଷେପ ବଳରେ। ସେହି ସତ୍ତା ଦୁର୍ଗା, ଶିବ, ବିଷ୍ଣୁ, ଗଣେଶ, ସୂର୍ଯ୍ୟ, ଲକ୍ଷ୍ମୀ, ରାମ, କୃଷ୍ଣ ପ୍ରଭୃତି ବିଭିନ୍ନ ନାମ ଧରି ମାନବ ହୃଦୟରେ ଆସନ ଜମାଇ ବସିଯାଆନ୍ତି। ସେଥିପାଇଁ ଭଗବାନଙ୍କୁ କେନ୍ଦ୍ର କରି ପୂଜା ପାର୍ବଣ ନିଷ୍ପ୍ରଭ ନ ହୋଇ ଅଧିକ ଉତ୍ସାହ ଉଦ୍ଦୀପନା ସହ ସମାଜକୁ ଧାର୍ମିକ ଦିଗରେ ଚଲାଇ ନେଉଛି। ଅଧୋଗତିରୁ ବଞ୍ଚାଇ ଦେଉଛି।

ଯାତ୍ରାର ଚାକଚକ୍ୟ ଦେଖି ଶିଶୁ ଅଧିକରୁ ଅଧିକ ଚଞ୍ଚଳ ହୋଇଯାଏ। ଏପରିକି ବାପା ଓ ମାଆଙ୍କ ତତ୍ତ୍ୱାବଧାନରେ ନରହି ନିଜେ ସବୁକିଛି ଅନୁଭବ କରିବାରେ ଲାଗିପଡ଼େ। ଦୈବାତ୍ ଅସୁବିଧା ସୃଷ୍ଟି ହୋଇଯାଏ, ଭୟାତୁର ହୋଇ ଶିଶୁ ତା ଅଭିଭାବକ / ପିତାମାତାଙ୍କୁ ଖୋଜିବସେ। ତତ୍କ୍ଷଣାତ୍ ନପାଇ ହତାଶ, ନିରାଶ ହୋଇପଡ଼େ।



ବର୍ତ୍ତମାନ ଆଉଥରେ ତାଙ୍କ ତତ୍ତ୍ୱାବଧାନର ଅଧିନ ହେବା ବରଂ ଶ୍ରେୟସ୍କର ବୋଲି ତା'ର ମନେହୁଏ। ଏହି ସମୟରେ ଖୋଜିବା ଦ୍ୱାରା ହେଉ, ଡାକବାଜି ଯନ୍ତ୍ରର ସାହାଯ୍ୟ ନେଇ ହେଉ ବା କୌଣସି ସ୍ୱେଚ୍ଛାସେବକଙ୍କ ସାହାଯ୍ୟ ଫଳରେ ହେଉ ଶିଶୁକୁ ନିରାପଦ ସ୍ଥାନ ପିତାମାତା ମିଳିଯାଏ। ଏହା ବୟସ୍କମାନଙ୍କ କ୍ଷେତ୍ରରେ ମଧ୍ୟ ଘଟିଥାଏ। ବୟସ୍କମାନଙ୍କ ମନର ଅବସ୍ଥା ନେଇ ତାଙ୍କୁ ଦିବ୍ୟ ପିତାମାତାଙ୍କ ତତ୍ତ୍ୱାବଧାନ ପ୍ରାପ୍ତ ହୋଇଥାଏ। ସେ ଶିବ, ବିଷ୍ଣୁ ବା ଦେବୀ ହୋଇପାରନ୍ତି। ଜୀବନର କେଉଁ ନା କେଉଁ ମୋଡରେ ଭଗବାନ ଆମକୁ କୋଳକୁ ନେଇ ଅଭୟ ପ୍ରଦାନ କରନ୍ତି ନାହିଁ କେବଳ, ମଣିଷ ତାଙ୍କୁ ଅନୁସରଣ କରିବା ଦେଖିଲେ ସେ ତାକୁ ତାହାର ପ୍ରକୃତ ପରିଚୟ ପ୍ରଦାନରେ ଲାଗିପଡ଼ନ୍ତି । ମଣିଷ ନିଜର ପରିଚୟ ପାଇଗଲେ ତା'ର ଦେହାତ୍ମବୋଧ ଚାଲିଯାଏ। ତା'ସହିତ ଭୟ ମଧ୍ୟ ଉଭେଇଯାଏ। ଏସବୁ ଘଟିଥାଏ ଏ ସାଂସାରିକ ଜୀବନରେ ପର୍ବପର୍ବାଣୀ ପାଳନ ଫଳରେ।

ଯୁଗେ ଯୁଗେ ଭଗବାନ ଘଟାଇ ଯାଇଥିବା ଘଟଣା ଗୁଡ଼ିକ ମାନବ ସମାଜର ପରମ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ସେ ଏହା ସୃଷ୍ଟି କରିଥାନ୍ତି କାରଣ, ଏସବୁ ଜାଣିବା ଓ ଶୁଣିବା ଫଳରେ ମଣିଷର ଆଚମ୍ବିତ ମନ ତାଙ୍କ ପ୍ରତି ଆକର୍ଷିତ ହେବ, ତାଙ୍କ ଦ୍ୱାରା ସୃଷ୍ଟି ଘଟଣାମାନ ଏତେ ଅଲୌକିକ ଯେ ତାହା ମଣିଷ ପରି କ୍ଷୁଦ୍ର ଜୀବକୁ ଆଶ୍ଚର୍ଯ୍ୟଚକିତ କରିଦିଏ ଏବଂ ଏପରି ପ୍ରଭାବିତ ହୋଇଯିଏ ଭଗବାନଙ୍କ ଆଡ଼କୁ ଲମ୍ଫ ପ୍ରଦାନ କରେ ସେ ସେହି ଐଶ୍ୱରିକ ପ୍ରବାହରୁ ଆଉ ମୁକୁଳି ପାରେ ନାହିଁ। ଏହା ତାହାର ସର୍ବୋଚ୍ଚ ମଙ୍ଗଳ ସାଧନ କରେ।

ମାଛି ସବୁଥିରେ ବସେ, କେବଳ ନିଆଁରେ ବସେ ନାହିଁ, ବସିଲେ ମରେ। ମନ ମଧ୍ୟ ସବୁଥିରେ ଆଗ୍ରହୀ, ମାତ୍ର ଭଗବାନଙ୍କ ଠାରେ ଆଗ୍ରହ କରେନାହିଁ। ଯଦି କରନ୍ତା ତେବେ ସେ ମରିଯାଆନ୍ତା। ମନ ମରିଯିବା ହିଁ ମନୋଲୟ, ମନ ନାଶନ। ଯେଉଁ ମନ ମଣିଷର ସବୁ ପ୍ରକାର ଦୁର୍ଗତିର କାରଣ, ସେ ମରିଯିବାଟା ଅତୀବ ଶୁଭ ସୂଚନା। ଏହା କେବଳ ସାଂସାରିକ ଜୀବନ ଦୃଷ୍ଟିରୁ ନୁହେଁ, ଆଧ୍ୟାତ୍ମିକ ଜୀବନ ଦୃଷ୍ଟିରୁ ମଧ୍ୟ ସର୍ବୋତ୍କୃଷ୍ଟ।

ଭଗବାନଙ୍କ ଚମତ୍କାରୀତା ଧିରେ ଧିରେ ମଣିଷ ମନକୁ କରିଦିଏ ଏକ ବିମୁଗ୍ଧ କ୍ରୀତଦାସ। ତାଙ୍କ ଚମତ୍କାରୀ ଲୀଳା ମଧ୍ୟରେ ଏକ କ୍ଷୁଦ୍ର ଭୂମିକା ଖୋଜେ ମନ, ସେଥିପାଇଁ ଯାହା କରିବା ଉଚିତ ତାହା ସମ୍ପାଦନା କରିବାରେ କୁଣ୍ଠାକୁ ଦୂରେଇ ଦେଇ ମଣିଷ ତା'ର କର୍ମଦକ୍ଷତାର ପରିସର ଭୁଲି ଆଗକୁ ଆଗକୁ ମାଡ଼ି ଚାଲେ ଭେଟିବାକୁ ତା'ର ଇପ୍ସିତ ପ୍ରେମିକକୁ। ଏହାହିଁ ପ୍ରକୃତ ଯାତ୍ରା। ବାହ୍ୟ ପ୍ରଦର୍ଶନୀ ତାକୁ ଅଧୋଗତି ପ୍ରଦାନ କରୁଛି ବୋଲି ତା'ର ହୃଦୟଙ୍ଗମ ହୁଏ। ଏହାଫଳରେ ସବୁକିଛି ଆନ୍ତରିକ ହୋଇଯାଏ ଯାହାକୁ ଅପେକ୍ଷା କରିଥାନ୍ତି ଭଗବାନ। ଅନ୍ତରଟା ତ ତାଙ୍କ ସାମ୍ରାଜ୍ୟ। ସେ ସେଠାରେ ଅଧିଷ୍ଠିତ ହେବାକୁ ସଦା ତତ୍ପର ଥାନ୍ତି। ସେ ଅଧିଷ୍ଠିତ ହୋଇଗଲେ ସେଠାରୁ ସଇତାନ ତତ୍କ୍ଷଣାତ୍ ଅଦୃଶ୍ୟ ହୋଇଯାଏ, ଠିକ୍ ସୂର୍ଯ୍ୟୋଦୟରେ ଅନ୍ଧକାର ଅଦୃଶ୍ୟ ହେଲାପରି। ଏହା ହିଁ ପ୍ରକୃତ ପର୍ବ ପାଳନ।

ଦୁର୍ଗାଙ୍କ ଦୁର୍ଗତି ନାଶ କରନ୍ତି। ଦୁର୍ଗତି ଆସିଥାଏ ଦୁର୍ମତିରୁ। ତେଣୁ ମତି ବା ମନର ସଂସ୍କାର ଅତୀବ ପ୍ରୟୋଜନ। ମନର ସଂଚାଳକ ବୁଦ୍ଧି, ଇନ୍ଦ୍ରିୟ ନୁହନ୍ତି। ବୁଦ୍ଧିର ସଂଚାଳକ ଆତ୍ମା। ତାହା ପରମାତ୍ମାଙ୍କ ଅଂଶବିଶେଷ। ଯାହାଠାରେ ପରମାତ୍ମା (ଯେଉଁ ନାମ ରୂପ ସହିତ ହୁଅନ୍ତୁ ନା କାହିଁକି) ଅଧିଷ୍ଠିତ, ସେଠାରେ ସମସ୍ତ ପ୍ରକାର ସଂସ୍କାର ସୁଲଭ ହୋଇଯାଏ ଏବଂ ଏଭଳି ବ୍ୟକ୍ତିମାନେ ବାସ କରୁଥିବା ସମାଜ ସଂସ୍କୃତି ସମ୍ପନ୍ନ ସମାଜ ବୋଲି ପରିଚିତ ହୁଏ। ଦୂର୍ଗାଙ୍କ ଠାରେ ସମସ୍ତ ଦେବଦେବୀ ଅବସ୍ଥାନ କରିଥାନ୍ତି, କାରଣ ସମସ୍ତ ଦେବଦେବୀଙ୍କ ଶକ୍ତିର ସମ୍ମିଳିତ ଶକ୍ତି ହେଉଛନ୍ତି ଦୂର୍ଗା ଶକ୍ତି। ଦୂର୍ଗା ପୂଜା କରିବା ଅନ୍ତରାଳରେ ସକଳ ପ୍ରକାର ଦେବଦେବୀଙ୍କର ଉପାସନା ହୋଇଥାଏ। ଅବ୍ୟର୍ଥ ଦୂର୍ଗା ସ୍ତୁତିରେ ଦେବୀଙ୍କୁ ଦୂର୍ଗତି ନାଶିନୀ, ଦୂର୍ଗାତୀନାଶିନୀ, ଦୂର୍ଗାପଦ୍ ନିବାରିଣୀ, ଦୂର୍ଗତୋଦ୍ଧାରିଣୀ, ଦୂର୍ଗମାସୁରସଂହନ୍ତ୍ରୀ, ଦୂର୍ଗମ ଜ୍ଞାନ ସଂସ୍ଥାନା ଓ ଦୂର୍ଗାମାତ୍ମ ସ୍ୱରୂପିଣୀ ପ୍ରଭୃତି ନାମରେ ସ୍ତୁତି କରାଯାଇଛି । ସ୍ତୁତିର ନାମକରଣ ଅନୁସାରେ ଏହା ପ୍ରକୃତରେ ଅବ୍ୟର୍ଥ । ଏହି ସ୍ତୁତି କେବେହେଲେ ବ୍ୟର୍ଥ ଯାଏନାହିଁ । ଭାରତର ଆର୍ଯ୍ୟ ଋଷିମାନଙ୍କର ଏହି ସାଧନା ପ୍ରସୂତ କୃତି ପାଇଁ ଯୁଗ ଯୁଗ ଧରି ଆମ୍ଭେମାନେ ଉପକୃତ ହୋଇ ଆସୁଅଛେ । ସେଥିପାଇଁ ଋଷିଋଣ ସୁଝିବା ପାଇଁ ଆମ୍ଭେମାନେ ଋଷିମାନଙ୍କ ପ୍ରତି କୃତଜ୍ଞ ହୋଇ ରହିବା ଦରକାର । ଏହାର ଫଳଶ୍ରୁତିରେ କୁହାଯାଇଛି, ''ଶତ୍ରୁଦ୍ୱାରା ପୀଡ଼ିତ ହୋଇଥିଲେ, ଦୁର୍ଭେଦ୍ୟ ବନ୍ଧନରେ ଥିଲେ, ରାଜଦଣ୍ଡରେ ଦଣ୍ଡିତ ହୋଇଥିଲେ, ହିଂସ୍ରଜନ୍ତୁ ଆକ୍ରମଣ ଭୟ ଥିଲେ ତଥା ବଡ଼ ବଡ଼ ବିପତ୍ତି ପଡ଼ିଥିଲେ ବା ପଡ଼ିବାର ଭୟ ଥିଲେ ଏହି ସ୍ତୁତିକୁ ଜପ କଲେ ସମସ୍ତ ବିପଦରୁ ମୁକ୍ତି ମିଳେ ବୋଲି ଦେବୀ ନିଜେ କହିଛନ୍ତି ।'' ଅନ୍ୟ ପର୍ବମାନଙ୍କ ଭଳି ଦୂର୍ଗାପୂଜା ଅବସରରେ ମାନବ ସମାଜକୁ ଏକ ମହାନ୍ ଶିକ୍ଷା ମିଳିଥାଏ । ତାହା ହେଉଛି 'ଦୁଷ୍ଟଶକ୍ତି ଯେତେ ବଳଶାଳୀ ହୋଇଥାଉ ପଛେ ଦିବ୍ୟ ଶକ୍ତି ପାଖରେ ତାକୁ ଦିନେ ନା ଦିନେ ମଥାନତ କରିବାକୁ ପଡ଼ିଥାଏ ।' ଏହି ଉତ୍ସବ ପାଳନ ଅବସରରେ ଆମ୍ଭେମାନେ ସେହି ଦିବ୍ୟଶକ୍ତିକୁ ଆବହନ କରିବା, ସେ ଆମ ଭିତରେ ବିଦ୍ୟମାନ ଥାଇ ଆମ ଭିତରେ ଥିବା ଦୁଷ୍ଟଶକ୍ତି ଗୁଡ଼ିକୁ ନିଶେଷ କରିଦିଅନ୍ତୁ ।

ଅଲିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦

# ନବରାତ୍ରି: ଶକ୍ତି ଉପାସନାରୁ ସାମାଜିକ ଜାଗରଣ

**ସୁକାନ୍ତ ଛାଟୋଇ**

ନବରାତ୍ରି କେବଳ ନଅ ରାତିର ଧାର୍ମିକ ଉତ୍ସବ ନୁହେଁ; ଏହା ଆସ୍ଥା, ଆତ୍ମସଂଯମ, ନାରୀଶକ୍ତି, ସାଂସ୍କୃତିକ ଐତିହ୍ୟ ଓ ସାମାଜିକ ଏକତାର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ। ଭାରତୀୟ ଜୀବନଧାରାରେ ଏହାର ସ୍ଥାନ ଗଭୀର ହୋଇଥିବାବେଳେ ଓଡ଼ିଶାର ଧାର୍ମିକ ଚେତନା, ଲୋକପରମ୍ପରା ଓ ସାମୂହିକ ଜୀବନରେ ମଧ୍ୟ ଏହାର ବିଶେଷ ପ୍ରଭାବ ରହିଛି। 'ନବରାତ୍ରି' ଶବ୍ଦର ଅର୍ଥ ନଅ ରାତି। ଏହି ସମୟରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପର ଆରାଧନା କରାଯାଏ ଏବଂ ଦଶମୀ ତିଥିରେ ବିଜୟାଦଶମୀ ପାଳନ କରାଯାଏ। ଏହି ପର୍ବର ମୂଳ ସନ୍ଦେଶ ହେଉଛି—ଅନ୍ୟାୟ ଯେତେ ଶକ୍ତିଶାଳୀ ହେଉ, ଧର୍ମ, ସାହସ ଓ ନ୍ୟାୟର ସମ୍ମିଳିତ ଶକ୍ତି ଶେଷରେ ତାହାକୁ ପରାସ୍ତ କରିପାରେ। ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟର ପୌରାଣିକ କାହାଣୀ ଏହି ଚିରନ୍ତନ ଆଦର୍ଶକୁ ପ୍ରକାଶ କରେ। କିନ୍ତୁ ଏହାର ମହତ୍ତ୍ୱ କେବଳ ପୁରାଣର କାହାଣୀ ମଧ୍ୟରେ ସୀମିତ ନୁହେଁ; ମନୁଷ୍ୟର ଦୈନନ୍ଦିନ ଜୀବନରେ ଅନ୍ୟାୟ, ଅଜ୍ଞାନ, ଭୟ, ଅହଂକାର ଓ ଅସମାନତା ବିରୋଧରେ ଲଢ଼ିବାର ପ୍ରେରଣା ମଧ୍ୟ ଏହା ଦେଇଥାଏ। ଓଡ଼ିଶାରେ ନବରାତ୍ରିର ଭାବନା ଦୁର୍ଗାପୂଜା, ଦେବୀ ମନ୍ଦିରର ଆରାଧନା ଓ ଅଞ୍ଚଳଭିତ୍ତିକ ପରମ୍ପରା ସହ ଘନିଷ୍ଠ ଭାବେ ଜଡ଼ିତ। କଟକର ଚାନ୍ଦିମେଢ଼, ଭୁବନେଶ୍ୱରର ସୁସଜ୍ଜିତ ପୂଜାମଣ୍ଡପ, ଗାଁଗହଳିର ଦେବୀପୀଠ ଏବଂ ପଶ୍ଚିମ ଓଡ଼ିଶାର ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ନବରାତ୍ରି ଉପାସନା ଏହି ଭକ୍ତିଧାରାର ବିଭିନ୍ନ ରୂପକୁ ଉଜାଗର କରେ। ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ପରମ୍ପରା ଏକାଭଳି ନୁହେଁ; କେଉଁଠି ଦେବୀଙ୍କ ମନ୍ଦିରରେ ଦୀର୍ଘକାଳୀନ ପୂଜାବିଧି ପାଳନ ହୁଏ, ତ ଅନ୍ୟ କେଉଁଠି ସାର୍ବଜନୀନ ମଣ୍ଡପରେ ଦୁର୍ଗାପୂଜା ସାମୂହିକ ଉତ୍ସବର ରୂପ ନିଏ। ଏହି ବିବିଧତା ଓଡ଼ିଶାର ସାଂସ୍କୃତିକ ସମୃଦ୍ଧିର ପରିଚୟ।

ନବରାତ୍ରିର ଆଉ ଏକ ପ୍ରମୁଖ ଦିଗ ହେଉଛି ନାରୀଶକ୍ତିର ସମ୍ମାନ। ଦେବୀ ଦୁର୍ଗାଙ୍କୁ ଶକ୍ତି, ସାହସ, ସୁରକ୍ଷା ଓ ଅନ୍ୟାୟର ବିନାଶର ପ୍ରତୀକ ଭାବେ ପୂଜା କରାଯାଏ। ଏହା ଆମକୁ ମନେ ପକାଇଦିଏ ଯେ ନାରୀ କେବଳ ପରିବାରର ଦାୟିତ୍ୱ ବହନ କରୁଥିବା ଜଣେ ସଦସ୍ୟ ନୁହନ୍ତି; ସେ ଶିକ୍ଷା, ଅର୍ଥନୀତି, ବିଜ୍ଞାନ, ପ୍ରଶାସନ, ରାଜନୀତି ଓ ସମାଜ ଗଠନରେ ସମାନ ଭାଗୀଦାର। ତେଣୁ ଦେବୀଙ୍କ ଆରାଧନା ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଆମେ ନିଜ ଘର, ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର ଓ ସାର୍ବଜନୀନ ଜୀବନରେ ନାରୀଙ୍କୁ ସମ୍ମାନ, ସୁରକ୍ଷା ଓ ସମାନ ସୁଯୋଗ ଦେବା। କନ୍ୟାପୂଜାର ପରମ୍ପରା ଆମକୁ କନ୍ୟାଶିଶୁର ମର୍ଯ୍ୟାଦା ବୁଝାଏ; କିନ୍ତୁ ଏହି ମର୍ଯ୍ୟାଦା କେବଳ ପୂଜାର ଗୋଟିଏ ଦିନରେ ସୀମିତ ରହିବା ଉଚିତ ନୁହେଁ। କନ୍ୟାଶିଶୁର ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ୱାଧୀନତା ଓ ସୁରକ୍ଷା ନିଶ୍ଚିତ କରିବା ହେଉଛି ଦେବୀ ଉପାସନାର ପ୍ରକୃତ ସାମାଜିକ ଅର୍ଥ। ଏହି ପର୍ବ ଓଡ଼ିଶାର ଅର୍ଥନୈତିକ ଜୀବନକୁ ମଧ୍ୟ ଗତିଶୀଳ କରେ। ପୂଜାମଣ୍ଡପ ନିର୍ମାଣ କରୁଥିବା କାରିଗର, ମୂର୍ତ୍ତିଶିଳ୍ପୀ, ଚାନ୍ଦିତାରକସି କାରିଗର, ରଙ୍ଗମିସ୍ତ୍ରି, ବିଦ୍ୟୁତ୍ କର୍ମୀ, ଫୁଲ ବ୍ୟବସାୟୀ, ବସ୍ତ୍ର ବିକ୍ରେତା, ମିଠା ଦୋକାନୀ, ଛୋଟ ବ୍ୟବସାୟୀ ଓ ଅସ୍ଥାୟୀ ଶ୍ରମିକଙ୍କ ପାଇଁ ଏହା ଆୟର ସୁଯୋଗ ସୃଷ୍ଟି କରେ। ବିଶେଷକରି କଟକର ଚାନ୍ଦିମେଢ଼ ଓ ମୂର୍ତ୍ତି ନିର୍ମାଣ ପରମ୍ପରା ସ୍ଥାନୀୟ କାରିଗରୀ ଦକ୍ଷତାକୁ ନୂଆ ପରିଚୟ ଦିଏ। ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରର ପୂଜାମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିବା ସହ ଛୋଟ ବ୍ୟବସାୟରେ ଚାହିଦା ବଢ଼ାଏ। ତଥାପି ଉତ୍ସବର ଅର୍ଥନୈତିକ ଲାଭକୁ କେବଳ ବଡ଼ ଆୟୋଜନର ଆକାରରେ ମାପିବା ଠିକ୍ ନୁହେଁ। ସ୍ଥାନୀୟ କାରିଗରଙ୍କୁ ନ୍ୟାୟସଙ୍ଗତ ପାରିଶ୍ରମିକ, ଛୋଟ ବ୍ୟବସାୟୀଙ୍କୁ ସୁଯୋଗ ଏବଂ ଶ୍ରମିକଙ୍କୁ ସମ୍ମାନ ମିଳିଲେ ହିଁ ଏହି ଉତ୍ସବର ସମୃଦ୍ଧି ସାଧାରଣ ଲୋକଙ୍କ ଜୀବନରେ ପହଞ୍ଚିପାରିବ।

ନବରାତ୍ରିର ସାମାଜିକ ପ୍ରଭାବ ମଧ୍ୟ ଗଭୀର। ପୂଜାମଣ୍ଡପରେ ପଡୋଶୀମାନେ ଏକାଠି ହୁଅନ୍ତି, ପରିବାରର ସଦସ୍ୟମାନେ ମିଳିତ ହୁଅନ୍ତି ଏବଂ ଦୀର୍ଘଦିନ ପରେ ଆତ୍ମୀୟଙ୍କ ସହ ଭାବ ବିନିମୟର ସୁଯୋଗ ମିଳେ। ଜାତି, ଭାଷା, ଆର୍ଥିକ ସ୍ଥିତି ଓ ସାମାଜିକ ପରିଚୟର ଭିନ୍ନତା ମଧ୍ୟରେ ସାମୂହିକ ଉତ୍ସବ ଲୋକଙ୍କୁ ଏକ ମଞ୍ଚରେ ଆଣିପାରେ। ଓଡ଼ିଶାର ଅନେକ ସ୍ଥାନରେ ଦୁର୍ଗାପୂଜା ସମୟରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ପରସ୍ପରର ଉତ୍ସବକୁ ସମ୍ମାନ ଦେଇ ସହଯୋଗ କରନ୍ତି। ଏହା ସାମାଜିକ ସଦ୍‌ଭାବର ଏକ ସୁନ୍ଦର ଉଦାହରଣ। ଧାର୍ମିକ ଆସ୍ଥା ବ୍ୟକ୍ତିଗତ ହୋଇପାରେ, କିନ୍ତୁ ତାହାରୁ ଜନ୍ମ ନେଉଥିବା ଦୟା, ସହଯୋଗ, ସେବା ଓ ମାନବିକତା ସମଗ୍ର ସମାଜର ସମ୍ପଦ। ତେଣୁ ଉତ୍ସବର ମୂଳ ଆତ୍ମା ହେବା ଉଚିତ ଏକତା, ନୁହେଁ ବିଭାଜନ; ସହିଷ୍ଣୁତା, ନୁହେଁ ଅସହିଷ୍ଣୁତା। ତେବେ ଆଧୁନିକ ସମୟରେ ନବରାତ୍ରି ପାଳନ ସହ କେତେକ ଚ୍ୟାଲେଞ୍ଜ ମଧ୍ୟ ଯୋଡ଼ି ହୋଇଛି। ଅତ୍ୟଧିକ ଶବ୍ଦ, ଅନାବଶ୍ୟକ ଖର୍ଚ୍ଚ, ଯାତାୟାତ ଅବ୍ୟବସ୍ଥା, ପ୍ଲାଷ୍ଟିକ୍ ଆବର୍ଜନା ଓ ପରିବେଶ ପ୍ରଦୂଷଣ ଉତ୍ସବର ଆନନ୍ଦକୁ ମଳିନ କରିପାରେ। ଭକ୍ତିର ଅର୍ଥ ଅନ୍ୟମାନଙ୍କ ଅସୁବିଧା ବଢ଼ାଇବା ନୁହେଁ। ଧ୍ୱନିବର୍ଦ୍ଧକର ବ୍ୟବହାରରେ ନିୟମ ପାଳନ, ଅଗ୍ନି ଓ ବିଦ୍ୟୁତ୍ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ରାସ୍ତା ଅବରୋଧ ନକରିବା ଏବଂ ଆବର୍ଜନାର ସଠିକ୍ ପରିଚାଳନା ପ୍ରତ୍ୟେକ ଆୟୋଜକଙ୍କ ଦାୟିତ୍ୱ। ପରିବେଶ ଅନୁକୂଳ ସାଜସଜ୍ଜା, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ଓ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଲେ ଉତ୍ସବ ଅଧିକ ଦାୟିତ୍ୱପୂର୍ଣ୍ଣ ହୋଇପାରିବ। ଅନ୍ୟପଟେ, ଦେବୀଙ୍କ ନାମରେ ଅତ୍ୟଧିକ ପ୍ରତିଯୋଗିତା ଓ ଦେଖାଦେଖିର ମନୋଭାବ ଉତ୍ସବର ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁ ଦୁର୍ବଳ କରିପାରେ। ଭକ୍ତିର ମୂଲ୍ୟ ମଣ୍ଡପର ଉଚ୍ଚତା, ସାଜସଜ୍ଜାର ଚମକ କିମ୍ବା ଖର୍ଚ୍ଚର ପରିମାଣରେ ନୁହେଁ; ଏହା ମଣିଷର ଆଚରଣ, ମନର ପବିତ୍ରତା ଓ ଅନ୍ୟଙ୍କ ପ୍ରତି ସମ୍ବେଦନଶୀଳତାରେ ପ୍ରକାଶ ପାଏ। ନବରାତ୍ରି ଯୁବପିଢ଼ି ପାଇଁ ମଧ୍ୟ ଏକ ଶିକ୍ଷାର ଅବସର। ଦେବୀଙ୍କ ନଅଟି ରୂପକୁ ସାହସ, ଧୈର୍ଯ୍ୟ, ଶୃଙ୍ଖଳା, ଜ୍ଞାନ, ସୃଜନଶୀଳତା ଓ କର୍ତ୍ତବ୍ୟବୋଧର ପ୍ରତୀକ ଭାବେ ବୁଝିଲେ ଏହି ପର୍ବ ଯୁବମନରେ ସକାରାତ୍ମକ ଚେତନା ଜାଗ୍ରତ କରିପାରିବ। ଛାତ୍ରଛାତ୍ରୀମାନେ ଏହି ସମୟରେ ସେବାକାର୍ଯ୍ୟ, ରକ୍ତଦାନ ସଚେତନତା, ଅସହାୟଙ୍କୁ ସହାୟତା, ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନରେ ଯୋଗଦେଇ ପର୍ବକୁ ଜନକଲ୍ୟାଣ ସହ ଯୋଡ଼ିପାରନ୍ତି। ଏହା ଧାର୍ମିକ ଭାବନାକୁ ସାମାଜିକ ଦାୟିତ୍ୱରେ ପରିଣତ କରିବ। ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବାରେ ମଧ୍ୟ ଏହି ପର୍ବର ଭୂମିକା ରହିଛି। ମୂର୍ତ୍ତି ନିର୍ମାଣ, ତାରକସି କାମ, ପାରମ୍ପରିକ ସଙ୍ଗୀତ, ନୃତ୍ୟ ଓ ଲୋକକଳା ଆମ ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରେ। ଏହି କଳାକୁ ସୁରକ୍ଷା ଦେବା, କାରିଗରଙ୍କ ଦକ୍ଷତାକୁ ପ୍ରୋତ୍ସାହନ ଦେବା ଏବଂ ପରମ୍ପରାକୁ ଆଧୁନିକ ସୃଜନଶୀଳତା ସହ ଯୋଡ଼ିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଶେଷରେ, ନବରାତ୍ରିର ପ୍ରକୃତ ସନ୍ଦେଶ ହେଉଛି ନିଜ ଭିତରେ ଥିବା ଦୁର୍ବଳତାକୁ ଚିହ୍ନିବା ଓ ତାହାକୁ ଜୟ କରିବା। ଦେବୀଙ୍କ ଆରାଧନା ଆମକୁ ଶକ୍ତି ଦିଏ, କିନ୍ତୁ ସେହି ଶକ୍ତିକୁ ନ୍ୟାୟ, ସେବା, ସମାନତା ଓ ମାନବିକତା ପାଇଁ ବ୍ୟବହାର କରିବା ଆମର ଦାୟିତ୍ୱ। ଓଡ଼ିଶାର ଲୋକେ ଯଦି ଏହି ପର୍ବକୁ କେବଳ ପୂଜା ଓ ଆନନ୍ଦରେ ସୀମିତ ନରଖି ନାରୀ ସମ୍ମାନ, ଦୁର୍ବଳଙ୍କ ସୁରକ୍ଷା, ସାମାଜିକ ସଦ୍ ?ଭାବ, ପରିବେଶ ସଂରକ୍ଷଣ ଓ ନୈତିକ ଜୀବନର ସଂକଳ୍ପ ସହ ପାଳନ କରିବେ, ତେବେ ନବରାତ୍ରିର ଆଲୋକ ପୂଜାମଣ୍ଡପରୁ ବାହାରି ପ୍ରତ୍ୟେକ ଘର, ପ୍ରତ୍ୟେକ ହୃଦୟ ଓ ସମଗ୍ର ସମାଜକୁ ଆଲୋକିତ କରିବ। ଏହା ହିଁ ଶକ୍ତି ଉପାସନାର ସାର୍ଥକତା ଏବଂ ଏକ ସୁସଂସ୍କୃତ, ସମାନତାଭିତ୍ତିକ ଓ ସମୃଦ୍ଧ ଓଡ଼ିଶା ଗଠନର ପ୍ରକୃତ ପଥ।

ମୋବାଇଲ: ୯୪୩୭୯୯୪୩୭୯



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଚେନ୍ନାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ !

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଖଟିଆକୁଦି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଚେନ୍ନାଇରେ ମୃତ୍ୟୁ ହୋଇଥିବା ଖବର ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ତ୍ରିଲୋଚନ ବାରିକି। ସେ ଧନେଶ୍ୱର ବାରିକିଙ୍କ ପୁତ୍ର ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ତ୍ରିଲୋଚନ ଚେନ୍ନାଇର ଗେଣ୍ଡି ଥାନା ଅଞ୍ଚଳରେ ଥିବା ଭାସିୟମ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେଠାରେ ପ୍ରାୟ ଏକ ବର୍ଷ ଧରି କାମ କରିବା ପରେ ରାତିରେ ତାଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲା।କମ୍ପାନୀ ସୂତ୍ରରୁ ସେ ସିଡ଼ିରୁ ଖସିପଡ଼ି ମୃତ୍ୟୁବରଣ କରିଥିବା କୁହାଯାଉଥିବା ବେଳେ ମୃତଦେହ ନିକଟରେ ଏକ ଶାବଳ ପଡ଼ିଥିବା ଜଣାପଡ଼ିଛି। ଏହାକୁ ନେଇ ମୃତ୍ୟୁର କାରଣ ସମ୍ପର୍କରେ ସନ୍ଦେହ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି କି ନାହିଁ, ସେନେଇ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି।ଏହି ଦୁଃଖଦ ଖବର ପହଞ୍ଚିବା ପରେ ଖଟିଆକୁଦି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ଲୋକେ ତ୍ରିଲୋଚନଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ସହ ନ୍ୟାୟ ଅପେକ୍ଷାରେ ରହିଛନ୍ତି।

## ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକଙ୍କ କୃତିତ୍ୱ

କରଞ୍ଜିଆ, ୧୬/୧୦ (ମହାଭାରତ) ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ,ବାରିପଦା ଆନୁକୂଲ୍ୟ ରେ ଅନୁଷ୍ଠିତ ୨୦୨୬-୨୭



ମସିହା ନିମନ୍ତେ ବୋର୍ଡ ଅଫ ଷ୍ଟଡିଜ ବୈଠକରେ ମା ବସୁଳି ଡିଗ୍ରୀ ମହାବିଦ୍ୟାଳୟ, ଠାକୁରମୁଣ୍ଡା ର ଦର୍ଶନ ଶାସ୍ତ୍ର ବିଭାଗ ର ବରିଷ୍ଠ ଅଧ୍ୟାପକ ଡ଼ଃ ମୋନରଞ୍ଜନ ଦିବେଦୀ ଅଧକ୍ଷ ଭାବରେ ନିର୍ବାଚିତ ହୋଇ କୃତିତ୍ୱ ଅର୍ଜନ କରିଛନ୍ତି।ଏଥି ସହିତ ଡ଼ଃ ଦିବେଦୀ ମଧ କଣ୍ଡକ୍ଟିଙ୍ଗ ବୋର୍ଡ ଅଫ ଏକଯାମିନର ମାନଙ୍କର ଅଧକ୍ଷ ହୋଇଛନ୍ତି।ପୁନର୍ବାର ବିଶ୍ୱବିଦ୍ୟାଳୟ ର କୁଳପତିଙ୍କ ଅନୁକୂଲ୍ୟ ରେ ମଧ ସେ ଇଣ୍ଡିଷ୍ଟିଆଲିଷ୍ଟ ଦର୍ଶନ ଶାସ୍ତ୍ର ତ୍ୱତ୍ତାବଧାରକ ନିର୍ବାଚିତ ହୋଇ ସମଗ୍ର ବିଶ୍ୱବିଦ୍ୟାଳୟ ରେ ଗୌରବ ଅର୍ଜନ କରି ଥିବାରୁ ସ୍ଥାନୀୟ ଛାତ୍ର ଛାତ୍ରୀ ,ଅଭିଭାବକ, ବୁଦ୍ଧିଜୀବୀ ମାନଙ୍କ ମଧରେ ଆନନ୍ଦ ର ବାତାବରଣ ଖେଳି ଯାଇଛି।

## କେନ୍ଦୁପତ୍ର ବିଭାଗ ର ମାଗଣା ସ୍ୱାସ୍ଥ୍ୟ ଶିବିର




ବଡ଼ମାଳ (ମହାଭାରତ ) ରେଢ଼ାଖୋଲ ବ୍ଲକ ଚାରମାଳ ଓ ମୋଚିବାହାଲ କେନ୍ଦୁପତ୍ର ବନାଞ୍ଚଳ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଚାରମାଳ ବନାଞ୍ଚଳ ତରଫରୁ ଗରଗଡ଼ବାହାଲ ଓ ମୋଚିବାହାଲ ବନାଞ୍ଚଳ ତରଫରୁ ରେଙ୍ଗାଲି ଠାରେ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧେଇ ଶ୍ରମିକ ଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବୀର ଅନୁଷ୍ଠିତ ହୋଇଛି। ଉଭୟ ଶିବିର ମୋଚିବାହାଲ କେନ୍ଦୁପତ୍ର ବିଭାଗ ର ବନାଞ୍ଚଳ ଅଧିକାରୀ ଶ୍ରୀଯୁକ୍ତ ଜଗବନ୍ଧୁ ପାତ୍ର ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଉଭୟ ଶିବିର ରେ ଶହେ ରୁ ଉର୍ଦ୍ଧ ଲେଖାଏଁ ଶ୍ରମିକ ଓ ତୋଳାଳୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଗରଗଡ଼ବାହାଲ ରେ ଅନୁଷ୍ଠିତ ଶିବିର ରେ ଡାକ୍ତର ଅଂଶୁମାନ ପ୍ରଧାନ, ଡାକ୍ତର ସ୍ୱାଗତିକା ପ୍ରଧାନ, ଦିପ୍ତିମୟୀ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ରେଙ୍ଗାଲି ଶିବିର ରେ ଡାକ୍ତର ସୁନୀଲ ମାଝୀ, ଡାକ୍ତର ଏମ. କାଲୋ, ଫାର୍ମାସିଷ୍ଟ ସୁଶାନ୍ତ ସାହୁ ପ୍ରମୁଖ ଶିବିର କୁ ପରିଚାଳନା କରିଥିଲେ।

## ପାଣିରେ ବୁଡି ମାଛ ଧରାଳି ମୃତ

ଅସ୍ତରଙ୍ଗ, (ମହାଭାରତ) : ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ଛୁରିଆନା ଗ୍ରାମପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମରେ ଘଟିଛି ଏକ ଅଘଟଣ । ସେହି ଗ୍ରାମର ରବୀନ୍ଦ୍ର କୁମାର ପରିଡା ଲ୬୬କୃତାଙ୍କ ଗ୍ରାମ ନିକଟରେ ଥିବା ଲୁଣା ନଦୀକୁ ମାଛ ଧରିବା ପାଇଁ ଯାଇଥିବା ବେଳେ ମୃତ୍ୟୁ ବରଣ କରିଥିବା ଜଣା ପଡିଛି,ଘଟଣା ରୁ ପ୍ରକାଶ ଯେ, ସବୁଦିନ ଭଳି ରବୀନ୍ଦ୍ର ଶୁକ୍ରବାର ଦିନ ସକାଳ ସାତ ଘଟିକା ସମୟ ରେ ନିକଟ ନଦୀକୁ ମାଛ ଧରିବା ପାଇଁ ଯାଇ ଥିଲେ କ୍ଷ ନଦୀରେ ଭଉଁରି ଜାଲ ପକାଇ ପକାଇ କିଛି ବାଟ ଆସିବା ପରେ ନଦୀ ମଝିରେ ଏକ ବାଲିଚର ବା ଅରା ପଡିଥିଲା । ସେହି ଅରାରେ ଜାଲ ପକାଇ କିଛି ମାଛ ଧରିବା ପରେ ନଦୀରେ ଜୁଆର ହୋଇଥିଲା। ପାଣି ବଢ଼ିବାରୁ, ଜାଲ ନ ପକାଇ ଜାଲକୁ କାନ୍ଧରେ ପକାଇ ପଂହଁରି ପହଁରି ତାଙ୍କ ଘର ନିକଟ ଆର ପାରିକୁ ଯାଉଥିଲା ବେଳେ, ନଦୀର ସ୍ରୋତରେ ଜାଲ କାନ୍ଧରୁ ଖସି ଅଣ୍ଟା ଠାରୁ ଗୋଡ଼ ପର୍ଯ୍ୟନ୍ତ ଗୁଡେଇ ହୋଇ ପାଣିରେ ଦାବି ହୋଇ ଯାଇଥିଲା । ଜାଲ ର ଓଜନ ସହ ଅଣ୍ଟା ରେ ବନ୍ଧା ମାଛ ଖାଳଇ ଓଜନ ହେବାରୁ ପାଣିରେ ବୁଡି ଅଣ ନିଶ୍ୱାସି ହୋଇ ମୃତ୍ୟୁ ବରଣ କରି ଥିଲେ । ଅପର ପକ୍ଷରେ ରବି ଘରକୁ ନ ଫେରିବାରୁ ଘର ସହ ଗ୍ରାମ ର ଲୋକ ନଦୀ କୂଳ କୁ ଯାଇ ଖୋଜା ଖୋଜି କରବା ପରେ ଅପରାହ୍ନ ୧ଘଟିକା ସମୟ ରେ ପାଣି ଭିତରେ ମୁହଁ ମାଡି ଭାଷୁ ଥିବାର ଦେଖିବାକୁ ମିଳିଥିଲା । ଲାସକୁ ପାଣିରୁ ଉଦ୍ଧାର କରି ପରିବାର ଲୋକ ଅସ୍ତରଙ୍ଗ ମେଡିକାଲ କୁ ଆଣିଥିଲେ । ଡ଼କ୍ଟର ରବି କୁ ମୃତ ଘୋଷଣା କରିବା ପରେ ଅସ୍ତରଙ୍ଗ ଆଇ ଆଇ ସି ବିଦିତା ନାୟକ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜ କରି ଶବ ପାଞ୍ଚନାମା ନିମନ୍ତେ ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଛନ୍ତି ।

# ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ପରିବେଷଣ

କଳାହାଣ୍ଡି/ଭବାନୀପାଟଣା, (ମହାଭାରତ): ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିଶା ସେବନର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ଭବାନୀପାଟଣା ପକ୍ଷରୁ ଏକ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସୁସ୍ମିତା ପାତ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନାଟକର ନିର୍ଦ୍ଦେଶନା ଶ୍ରୀମତୀ ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ପତି ଦେଇଥିଲେ। ନାଟକ ମାଧ୍ୟମରେ ନିଶା ସେବନର ଭୟାବହ ପରିଣାମ, ଏହାର ସାମାଜିକ କୁପ୍ରଭାବ ଏବଂ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବାର ଆବଶ୍ୟକତା ସମ୍ପର୍କରେ




ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ନାଟକ ଶେଷରେ ସମସ୍ତେ ଶପଥ ଗ୍ରହଣ କରି ଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର ଏବଂ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ଭବାନୀପାଟଣା ର ଅଧ୍ୟାପକ ବୃନ୍ଦ ରାକେଶ ବେହେରା, ଘନଶ୍ୟାମ ସାହୁ, ଦୀପକ ବେହେରା, ମାଣିକେଶ୍ୱରୀ ମହାପାତ୍ର ଉପସ୍ଥିତ ଥିଲେ। ଏହି ପଥପ୍ରାନ୍ତ ନାଟକରେ କଲେଜ ର ଛାତ୍ର ଛାତ୍ରୀ -ଅଜିତ କୁମାର ହେର୍ଣ୍ଣା, ମୁକେଶ ନାଏକ, ଅମିୟ ରଞ୍ଜନ ନାଏକ, କହ୍ନା ସୁନାନୀ, ଦେବ କୁମାର ରଣା, ସୁମନ କୁମାର ସାହୁ, ମନୋଜ ଭୂଏ, ଟୁନା ସବର, ତ୍ରୟୋଶ ନାଏକ, ଅଜୟ କୁମାର ସାଗରିଆ, ନିହାର ରଞ୍ଜନ ଦାଶ, ଗରୁଡ଼ ବେହେରା, ବାସୁଦେବ ବାଗ, କରଣ ସାହୁ, ବର୍ଷାରାଣୀ ପଧାନ ଓ ହରିପ୍ରିୟା ଦଣ୍ଡସେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ପରିଚାଳନାରେ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। ସେମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନ, ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ସୁରକ୍ଷିତ ରଖିବା ଏବଂ ଏକ ସୁସ୍ଥ ଓ ସଚେତନ ସମାଜ ଗଠନ ଦିଗରେ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ସମବାୟ ବିଭାଗ ଓ ହସ୍ତ ତନ୍ତ ବୟନ ହସ୍ତ ଶିଳ୍ପ ବିଭାଗ ବିକଶିତ ଓଡ଼ିଶା ବିକଶିତ ଭାରତ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ପରିସର ରେ ରୋଙ୍ଗଲି ଓ ଝୋଟି ପ୍ରତି ଯୋଗିତ ଅନୁଷ୍ଟିତ ହୋଇ ଯାଇଛି। ଏହି କାର୍ଯ୍ୟ କର୍ମରେ ଗୋଷ୍ଟି ଉନ୍ନୟନ ଅଧିକାରୀ, ସମବାୟ ସମିତି ର ଅଧିକାରୀ ହରି ହର ସେଠ ହସ୍ତ ଶିଳ୍ପ ବିଭାଗ ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରଙ୍ଗୋଲି ରେ ଅଂଗ୍ରହଣ କରିଥିବା ପ୍ରତି ଯୋଗୀ ଙ୍କୁ ମାନ ପାତ୍ର ପ୍ରଦାନ କରାଯାଇଥିଲା ବିକଶିତ ଓଡ଼ିଶା ଓ ବିକଶିତ ଭାରତ କାର୍ଯ୍ୟ କର୍ମରେ ଏହି କାର୍ଯ୍ୟ କର୍ମ ଅନୁଷ୍ଟିତ ହୋଇ ଥିଲା ।



## ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ବିସିଜେଡିର ଏକତରଫା ସଫଳତାକୁ ନେଇ ରାଜନୈତିକ ଚର୍ଚ୍ଚା

ବାରଙ୍ଗ, (ମହାଭାରତ) : ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ସମର୍ଥିତ ପ୍ରାର୍ଥୀଙ୍କ ସଫଳତାକୁ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏକ ରାଜନୈତିକ ଆଲୋଚନାର ପ୍ରସଙ୍ଗ ଭାବେ ଦେଖାଯାଉଛି। ଛାତ୍ର ରାଜନୀତିରେ ମିଳିଥିବା ସମର୍ଥନ ଆଗାମୀ ଦିନରେ ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ରେ ସ୍ଥାନୀୟ ରାଜନୀତି ଉପରେ କିଛି ପ୍ରଭାବ ପକାଇବ କି ନାହିଁ, ତାହାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଛି। ମହାବିଦ୍ୟାଳୟର ସମସ୍ତ ସାତଟି ପଦବୀରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ପ୍ରାର୍ଥୀଙ୍କ ବିଜୟକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଆକଳନ ଆରମ୍ଭ ହୋଇଛି। ଏହି ଫଳାଫଳ ବିଜେପି ପାଇଁ ଆତ୍ମସମୀକ୍ଷାର ଏକ ପ୍ରସଙ୍ଗ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ମୋଟ ୯୦୦ ଜଣ ଭୋଟରଙ୍କ ମଧ୍ୟରୁ ୬୬୫ ଜଣ ମତଦାନ କରିଥିଲେ। ସଭାପତି ପଦବୀରେ ବିସିଜେଡି ସମର୍ଥିତ ପ୍ରାର୍ଥିନୀ ରୋଜାଲିନ ସାହୁ ୪୧୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଉପସଭାପତି ପଦବୀରେ ଏସ୍.କେ. ଅସିଫ ରାଜା ୩୯୨ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀରେ ନିରଞ୍ଜନ ପ୍ରଧାନ ୪୨୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଅନ୍ୟ ଚାରିଟି ପଦବୀରେ ମଧ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟ ହାସଲ କରିଛନ୍ତି। ଏହି ଫଳାଫଳକୁ ନେଇ ଏବେ ପ୍ରଶ୍ନ ଉଠୁଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିସିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପ୍ରତି ସମର୍ଥନ ବଢ଼ିବାର କାରଣ କ'ଣ ? ଅନ୍ୟପକ୍ଷରେ, ଏହି ନିର୍ବାଚନରେ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କ ପରାଜୟର କାରଣ ନେଇ ଦଳୀୟ ସ୍ତରରେ ବିଶ୍ଲେଷଣର ଆବଶ୍ୟକତା ରହିଛି କି ? ସରକାର ଆସିବାର ଅଢେଇ ବର୍ଷରେ ସରକାର ଆସିବାର ଅଢେଇ ବର୍ଷରେ ସ୍ଥାନୀୟ ବିଜେପି ସଂଗଠନର ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ସମ୍ପର୍କ, ସଂଗଠନର ସକ୍ରିୟତା, ପ୍ରାର୍ଥୀଙ୍କ ଲୋକପ୍ରିୟତା ଓ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ଆଭିମୁଖ୍ୟ ଏହି ଫଳାଫଳରେ ଭୂମିକା ନେଇଥାଇପାରେ । ତେବେ ଏହାର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଥ୍ୟ ଓ ମତାମତ ଆବଶ୍ୟକ । ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଏହି ନିର୍ବାଚନୀ ଫଳାଫଳ ଆଗାମୀ ପଞ୍ଚାୟତ ନିର୍ବାଚନରେ କୌଣସି ପ୍ରଭାବ ପକାଇବ କି ? ଛାତ୍ର ସଂସଦ ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନର ପରିସ୍ଥିତି ଭିନ୍ନ ହୋଇଥିବାରୁ ଏହି ଫଳାଫଳକୁ ଆଧାର କରି ଭବିଷ୍ୟତର ରାଜନୈତିକ ଚିତ୍ର ନିର୍ଦ୍ଧାରଣ କରିବା ଠିକ୍ ହେବ ନାହିଁ । ତଥାପି ଏହି ବିଜୟ ସ୍ଥାନୀୟ ରାଜନୈତିକ ସମୀକରଣ, ସଂଗଠନର ସକ୍ରିୟତା ଓ ଯୁବ ଭୋଟରଙ୍କ ମନୋଭାବକୁ ନେଇ ଆଲୋଚନାର ଖୋରାକ ଯୋଗାଇଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ଏହି ଫଳାଫଳରୁ କି ଶିକ୍ଷା ଗ୍ରହଣ କରୁଛି କରୁଛି ଏବଂ ଗ୍ରାମାଞ୍ଚଳରେ ନିଜ ସଂଗଠନକୁ କିପରି ମଜବୁତ କରୁଛନ୍ତି, ତାହା ଆଗାମୀ ଦିନରେ ଦେଖିବାକୁ ରହିଲା ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ - ୨୦୨୬ ସୁରଭି କାର୍ଯ୍ୟକ୍ରମ



ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ପିତୀରି ପଂଚାୟତର ପଂଚାୟତରାଜ ଉଚ୍ଚବିଦ୍ୟାଳୟ ଓ ସରକାରୀ ଉ: ପ୍ରା ବିଦ୍ୟାଳୟ ପରିସର ପୀତିରୀ ଠାରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ- ୨୦୨୬ ସୁରଭି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ପରଜଙ୍ଗ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସୁରଭି କାର୍ଯକ୍ରମ ର ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ସାଂସଦ ରୁଦ୍ର ନାରାୟଣ ପାଣି ଓ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶଶ୍ୱିନି ରାଉତ, ପିତୀରୀ ପଂଚାୟତ ସରପଞ୍ଚ ଅଶୋକ କୁମାର ବର୍ମା ଓ ପଂଚାୟତରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଣଜିତ୍ କୁମାର ପ୍ରଧାନ ମଞ୍ଚାଶୀନ ହୋଇଥିଲେ। ଏହି ଶିଶୁ ମହୋତ୍ସବ 'ସୁରଭି ' କାର୍ଯ୍ୟକ୍ରମ ରେ ପରଜଙ୍ଗ ବ୍ଲକର ୧୭ ଗୋଟି କ୍ଲଷ୍ଟର ର ୩୨୦ ଜଣ କୃତି ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ଯଥା- ବିତର୍କ, ପ୍ରବନ୍ଧ, ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶୃତଲିଖନ, ଗଣ ଦୌଡ , ଗଣିତ କୁଇଜ ଓ ସାଂସ୍କୃତିକ ନୃତ୍ୟ ସଙ୍ଗୀତରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି କୃତି ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ' ସୁରଭି ' କାର୍ଯ୍ୟକ୍ରମ ରେ ପ୍ରତିଯୋଗିତା କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀଣୀ ପ୍ରିୟଦର୍ଶିନୀ ନାୟକ ପ୍ରକାଶ କରିଛନ୍ତି। ଏଥିସହ ଅତିରିକ୍ତ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ୧୭ଗୋଟି କ୍ଲଷ୍ଟର ର ଶିକ୍ଷକ, ଶିକ୍ଷୟତ୍ରୀ ଓ ସ୍କୁଲ ର ଛାତ୍ରଛାତ୍ରୀ ସହ ଆଖପାଖ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀମାନେ ଏହି ଶିଶୁ ମହୋତ୍ସବ' ସୁରଭି '୨୦୨୬ କାର୍ଯ୍ୟକ୍ରମର ଆନନ୍ଦ ଓ ଉପଭୋଗ କରିଥିଲେ ।

## ଦଶପଲ୍ଲା ବି.ଏସ୍. କଲେଜରେ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ

ଦଶପଲ୍ଲା, (ମହାଭାରତ): ସ୍ଥାନୀୟ ବୃନ୍ଦାବନ ସୁବୁଦ୍ଧି ସ୍ୱୟଂଶାସିତ ମହାବିଦ୍ୟାଳୟରେ ନବନିର୍ବାଚିତ ଛାତ୍ର ସଂସଦ ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବ୍ୟବଧାନ ପରେ ଅନୁଷ୍ଠିତ ଏହି ନିର୍ବାଚନରେ ବିଜୟୀ ହୋଇଥିବା ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ପ୍ରାର୍ଥୀମାନେ ବିଧିବଦ୍ଧ ଭାବେ ନିଜ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଜୟଦେବ ଗୌଡ଼ ଏବଂ ନିର୍ବାଚନ ଅଧିକାରୀ ତଥା ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ରହି ନବନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଥିଲେ। ଶପଥ ନେଇଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଛାତ୍ର ସଂସଦର ସଭାପତି ସୌଭାଗ୍ୟ ବେହେରା, ଉପସଭାପତି ଅଂଶୁମାନ ବଡ଼େଇ, ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ସ୍ୱାଇଁ ଏବଂ ସହ-ସମ୍ପାଦକ ଭାବେ ଜ୍ୟୋତି ରଞ୍ଜନ ସାହୁ ରହିଛନ୍ତି। ସେହିପରି ଅନ୍ୟାନ୍ୟ ପଦବୀ ମଧ୍ୟରେ ନାଟ୍ୟ ସଂସଦ ସମ୍ପାଦକ ରୋନାଲିତ ବିଶ୍ୱାଳ, ସହକାରୀ ନାଟ୍ୟ ସଂସଦ ସମ୍ପାଦକ ମହେଶ ପାତ୍ର, କ୍ରୀଡ଼ା ସଂସଦ ସମ୍ପାଦକ ସ୍ୱୟଂଜିତ ପାଣି, ସହକାରୀ କ୍ରୀଡ଼ା ସଂସଦ ସମ୍ପାଦକ ସୋନାଲି ବେହେରା, ଦିବାଧାୟୀ ସମ୍ପାଦିକା (ଡିଏସ୍ ?ଏ) ସ୍ଥିତିପ୍ରଜ୍ଞା ପ୍ରଧାନ, ବାଳକ କମନ୍ ରୁମ୍ ସମ୍ପାଦକ ରାକେଶ ବେହେରା ଏବଂ ବାଳିକା କମନ୍ ରୁମ୍ ସମ୍ପାଦିକା ଭାବେ ସ୍ମୃତି ପ୍ରଧାନ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଶିକ୍ଷାଗତ ସମସ୍ୟାର ସମାଧାନ, ଅଧିକାର ସୁରକ୍ଷା ତଥା ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ନବନିର୍ବାଚିତ କର୍ମକର୍ତ୍ତାମାନେ ପ୍ରତିଶ୍ରୁତି ବ୍ୟକ୍ତ କରିଛନ୍ତି।

## ନିର୍ବାଚିତ ଛାତ୍ରୀ ପ୍ରତିନିଧିଙ୍କ ଶପଥ ପାଠ

ଗଜପତି, (ମହାଭାରତ) : ଆଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ନିର୍ବାଚିତ ଛାତ୍ରୀ ପ୍ରତିନିଧି ମାନେ ଦିବା ୧୧ଘଟିକା ସମୟରେ ଅଧକ୍ଷା ଡ଼ଃ ରୀନା ସାହୁ ଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମ ରେ କଲେଜ ସମସ୍ତ ଷ୍ଟାଫ ଉପସ୍ଥିତ ରହି ବିଜୟୀ ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ଛାତ୍ରୀମାନଙ୍କ ଖୁସିର ମହଲ ଦେଖା ଦେଇଥିଲା, ନାଚ ଗୀତ ରେ କଲେଜ ପରିସର ଝୁମି ଉଠିଥିଲା।

# ମଲ୍ଲିପଶି ଯୋଗ ଶିବିରରେ ଯୋଗ ଶିଖାଇଲେ ପତଞ୍ଜଳି ଯୋଗ ଶିବିରର ଯୋଗଗୁରୁ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ସ୍ୱାମପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ଠାରେ ଥିବା ଯୋଗ ଶିବିର ଆଜି ସ୍ଥାନୀୟ ଲୋକମାନଙ୍କ ପାଇଁ ପାଲଟିଛି ଆଶା ଭରସା ର କେନ୍ଦ୍ରବିନ୍ଦୁ । ଦୈନିକ ପ୍ରାତଃ ସମୟରେ ଶହ ଶହ ଲୋକ ଉକ୍ତ ଶିବିରକୁ ଆସି ଯୋଗକରି ଶାରୀରିକ ଉପସମ ଓ ଆରୋଗ୍ୟ ଲାଭ କରୁଛନ୍ତି । ତେବେ ଆଜି ଦିନଥିଲା ଟିକେ ଅଧିକ ନିଆରା । ଆଜି କେନ୍ଦୁଝର ପତଞ୍ଜଳି ଯୋଗ ଶିବିରର ଜିଲା ପ୍ରଭାରୀ ମାଗୁଣି ବାରିକ୍, ଅବସରପ୍ରାପ୍ତ ଶାରୀରିକ ଶିକ୍ଷାଧିକାରି




ହଳଧର ମହାନ୍ତ,ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ଡମ୍ବରୁଧର ମହାନ୍ତ,କିସାନ ସେବା ସମିତି ପ୍ରଭାରୀ ବାସୁଦେବ ମୁଣ୍ଡା, କାର୍ଯ୍ୟାଳୟ ପ୍ରଭାରୀ ଜଗଦୀଶ ମହାନ୍ତ ପ୍ରମୂଖ ଆସି ଲୋକ ମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ନିମନ୍ତ୍ରିତ ହୋଇ ସ୍ଥାନୀୟ ମୂଷାଖୋରି ସରପଞ୍ଚ ଭାମାମଣି ଦାସ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଗୌତମ ଦାସ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ମଲ୍ଲିପଶି ଯୋଗ ଶିବିରର ଉଦ୍ୟୋକ୍ତା ତଥା ପ୍ରମୂଖ ପାର୍ଥ ସାରଥି ବେଜ ଙ୍କ ଆବାହକତ୍ୱ ଓ ପରିଚାଳନା ରେ କାର୍ଯକ୍ରମ ହୋଇଥିଲା । ମଲ୍ଲିପଶି ଯୋଗ ଶିବିରର ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ସୁରେଶ କୁମାର ନାଏକ, ଈଶ୍ୱର ନାଏକ, ରବିନାରାୟଣ ସିଂହ, କୋଦଣ୍ଡ ସୁବୁଦ୍ଧି, ସୁରେନ୍ଦ୍ର ବେଜ, ସୁଦର୍ଶନ ନାଏକ, ନାକୁ ଦାସ, ମନ୍ମଥ ରଣା, ଝୁନୁବାଳା ବେଜ, ତନ୍ଦ୍ରାକ୍ଷି ସେଠି, ରେବତୀ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଆଜିର ଶିବିରରେ ଅନ୍ୟୁନ ୨୦୦ ରୁ ଅଧିକ ଯୋଗୀ ଯୋଗଦାନ କରିଥିଲେ ।

# ୟୁଏଚଆରସି ପକ୍ଷରୁ ମାନବାଧିକାର ସଚେତନତା ଓ ସଂଗଠନ ସୁଦୃଢ଼ୀକରଣ ନେଇ ପ୍ରସ୍ତୁତି ବୈଠକ




ପାରଳାଖେମୁଣ୍ଡି-ଗଜପତି, (ମହାଭାରତ): ୟୁନାଇଟେଡ୍ ହ୍ୟୁମାନ ରାଇଟ୍ସ ଆଣ୍ଡ ଆଣ୍ଟି କରପ୍ସନ କାଉନ୍ସିଲ୍ (ଟଐଜଉ), ଗଜପତି ଜିଲ୍ଲା ବୋର୍ଡ ପକ୍ଷରୁ ମାନବାଧିକାର ସୁରକ୍ଷା, ଜନସଚେତନତା ଓ ସଂଗଠନର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ପୂର୍ବାହ୍ନ ୧୧ଟାରେ ପାରଳାଖେମୁଣ୍ଡିସ୍ଥିତ ବିଶ୍ୱନାଥ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ସଭାପତି ରାହୁଲ ହର, ମହିଳା ସଭାନେତ୍ରୀ ତନୁଜା ଶତପଥୀ, ମହିଳା ଉପସଭାନେତ୍ରୀ ଜସ୍ମିନ୍ ଶେଖ ଏବଂ ରାୟଗଡ଼ା ବ୍ଲକ ସଭାପତି ଉପସ୍ଥିତ ଥିଲେ। ଏଥିସହ ସଂଗଠନର ଅନ୍ୟାନ୍ୟ ପଦାଧିକାରୀଙ୍କ ଭୂମିକା ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ସାଧାରଣ ଲୋକଙ୍କ ମାନବାଧିକାର ସୁରକ୍ଷା, ସମାନତାର ଅଧିକାର, ଆଇନଗତ ସଚେତନତା ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗଠନର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାଜର ଅବହେଳିତ ଓ ଅସହାୟ ବର୍ଗର ଲୋକଙ୍କ ଅଧିକାରର ସୁରକ୍ଷା ସହ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ଏବଂ ନ୍ୟାୟ ପାଇବାରେ ଲୋକଙ୍କୁ ସହଯୋଗ କରିବା ଦିଗରେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା। ମାନବାଧିକାର ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ସହ ସଂଗଠନର କାର୍ଯ୍ୟକଳାପକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମାନବାଧିକାରର ସୁରକ୍ଷା, ଦୁର୍ନୀତି ବିରୋଧୀ ସଚେତନତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ୟୁଏଚଆରସି ଆଗାମୀ ଦିନରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ବୈଠକରେ ଆଲୋଚନା ହୋଇଥିଲା।

## ଗଜପତି ଜିଲ୍ଲାର ବିକାଶ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଡ଼. ତିରୁପତି ପାଣିଗ୍ରାହୀଙ୍କ ଆଲୋଚନା

ପାରଳାଖେମୁଣ୍ଡି- ଗଜପତି, (ମହାଭାରତ): ଗଜପତି ଜିଲ୍ଲା ତଥା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶକୁ ନେଇ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ହାଇଟେକ୍ ମେଡିକାଲ କଲେଜର ଅଧକ୍ଷ ଡ଼. ତିରୁପତି ପାଣିଗ୍ରାହୀ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଗଜପତି ଜିଲ୍ଲାର ବିକାଶକୁ ଆଗକୁ ନେବା ସହ ଅଞ୍ଚଳର ବିଭିନ୍ନ ଆବଶ୍ୟକତା ଓ ଉନ୍ନତିମୂଳକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ପାନୀୟ ଜଳ, କୃଷି ଓ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଜରୁରୀ। ଜିଲ୍ଲାର ଲୋକମାନେ ଯେପରି ସରକାରୀ ଯୋଜନାର ସୁଫଳ ପାଇପାରିବେ ଏବଂ ଅଞ୍ଚଳରେ ଉନ୍ନତ ମାନର ମୌଳିକ ସୁବିଧା ଉପଲବ୍ଧ ହେବ, ସେଥିପାଇଁ ବିକାଶମୂଳକ ଆଲୋଚନାର ଗୁରୁତ୍ୱ ରହିଛି। ବିଶେଷକରି ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ସମେତ ଜିଲ୍ଲାର ଗ୍ରାମାଞ୍ଚଳରେ ଉନ୍ନତ ରାସ୍ତାଘାଟ, ସ୍ୱାସ୍ଥ୍ୟସେବାର ସୁଦୃଢ଼ୀକରଣ, ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଭଳି ବିଷୟଗୁଡ଼ିକ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ଗୁରୁତ୍ୱ ବହନ କରୁଛି। ଡ଼. ତିରୁପତି ପାଣିଗ୍ରାହୀଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଏହି ଆଲୋଚନା ଗଜପତି ଜିଲ୍ଲାର ବିକାଶ ସମ୍ପର୍କିତ ବିଷୟଗୁଡ଼ିକୁ ସରକାରଙ୍କ ଦୃଷ୍ଟିକୁ ଆଣିବା ଦିଗରେ ଏକ ପ୍ରୟାସ ଭାବେ ଦେଖାଯାଉଛି। ଜିଲ୍ଲାର ଉନ୍ନତି ପାଇଁ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଗଲେ ଏହାର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରିବ। ତେବେ ଆଲୋଚନାରେ ଉଠିଥିବା ନିର୍ଦ୍ଦିଷ୍ଟ ପ୍ରସ୍ତାବ, ନିଷ୍ପତ୍ତି କିମ୍ବା ଭବିଷ୍ୟତର କାର୍ଯ୍ୟଯୋଜନା ସମ୍ପର୍କରେ ଅଧିକ ତଥ୍ୟ ମିଳିଲେ ଏହି ଖବରକୁ ଆହୁରି ବିସ୍ତୃତ କରାଯାଇପାରିବ।

## ବହୁ ଚର୍ଚ୍ଚିତ ଅଡ଼ବାରୁ ହାଇଦ୍ରାବାଦକୁ ମାନବ ଚାଲାଣ ମାମଲାରେ ଡିସଚାର୍ଜ ପିଟିସନ ଖାରଜ

ଗଜପତି, (ମହାଭାରତ): ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଜିଲ୍ଲା ଗଜପତିରୁ ବେଧଡ଼କ ମାନବ ଚାଲାଣ ଅନ୍ୟ ଜିଲ୍ଲା ତଥା ରାଜ୍ୟକୁ ଲୁଚାଛପାରେ ଜାରି ରହିଥିଲା ତଥା ଅପରାଧୀ ସହଜରେ ଧରା ପଡୁନଥିଲେ। କିନ୍ତୁ ଜୁନ ମାସରେ ଏହିଭଳି ଏକ ସମ୍ବେଦନଶୀଳ ମାମଲାର ଖବର ପାଇ ଅଡ଼ବା ପୋଲିସ ଅତିରିକ୍ତ ଆଇ.ଆଇ.ସି. ନଳିନୀ କୁମାରୀ କଁଅରଙ୍କ ନେତୃତ୍ୱରେ କାଳ ବିଳମ୍ବ ନ କରି ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଇ.ପି.ଏସ. ପ୍ରହଲ୍ଲାଦ ସହାୟ ମୀନା ତଥା ଆର. ଉଦୟଗିରି ଏସ୍‌ଡିପିଓ ଆଇ.ପି.ଏସ. ରାକେଶ କୁମାର ସାହୁଙ୍କ ପରାମର୍ଶରେ ହାଇଦ୍ରାବାଦ ଯାଇ ବିଭିନ୍ନ ସ୍ଥାନରେ ଛାପା ମାରିବା ପରେ ଅଭିଯୁକ୍ତ ଈଶ୍ୱର କୁଶୁଲିୟା ତଥା ମୁଖ୍ୟ ଅଭିଯୁକ୍ତ ହାଇଦ୍ରାବାଦ ନିବାସୀ ସରିତା ଜୈନଙ୍କୁ ଗିରଫ କରିବା ସହ ସେଠାରୁ ୬ଜଣ ନାବାଳିକା ସମେତ ୭ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ପର୍ଯ୍ୟାୟ କ୍ରମେ ମୋହନା ଜେ.ଏମ.ଏଫ.ସି. ତଥା ଜିଲ୍ଲା ଓ ଦୌରା ଜଜଙ୍କ ସମ୍ମୁଖରେ ହଜାର କରାଯାଇଥିଲା ଓ ସେମାନଙ୍କର ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ କାରାଗାରକୁ ପଠାଯାଇଥିଲା। ପରେ ଆଜି ଅଭିଯୁକ୍ତଙ୍କ ପକ୍ଷରୁ ଜିଲ୍ଲା ନ୍ୟାୟାଳୟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହର ପ୍ରସାଦ ପଟ୍ଟନାୟକଙ୍କ ନିକଟରେ ଚାର୍ଜ ଫ୍ରେମର ଶୁଣାଣି ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସରକାରଙ୍କ ପକ୍ଷରୁ ଉକ୍ତ ମାମଲାଟିରେ ପୀଡ଼ିତଙ୍କର ପକ୍ଷ ଉପସ୍ଥାପନ କରି ତଦନ୍ତକାରୀ ଅଧିକାରୀଙ୍କର ଦ୍ୱାରା ଲଗାଯାଇଥିବା ଆରୋପକୁ ଯଥାର୍ଥ ଦର୍ଶାଇ ଚାର୍ଜ ଫ୍ରେମ କରିବା ନିମନ୍ତେ ମାନ୍ୟବର ବିଚାରପତିଙ୍କୁ ପ୍ରାର୍ଥନା କରିଥିଲେ। ସେହିପରି ଦୁଇ ଅଭିଯୁକ୍ତଙ୍କ ତରଫରୁ ଡିସଚାର୍ଜ ପିଟିସନ ମାନ୍ୟବର ଅଦାଲତ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା। କିନ୍ତୁ ଶୁଣାଣିର ସର୍ବଶେଷରେ ମାନ୍ୟବର ବିଚାରପତି, ପୂର୍ବରୁ ତଦନ୍ତ ସମୟରେ ନ୍ୟାୟିକ ଅଧିକାରୀଙ୍କ ନିକଟରେ ଦେଇଥିବା ସମସ୍ତ ପିଡିତାଙ୍କ ବୟାନକୁ ନଜରରେ ରଖି ତଥା ରାଜ୍ୟର ଶିଶୁମାନଙ୍କ ଭବିଷ୍ୟତ କଥା ଚିନ୍ତା କରି ଓ ବଳିଷ୍ଠ ପ୍ରମାଣ ଆଧାରକୁ ନଜରରେ ରଖି ଉକ୍ତ ଦୁଇ ଅଭିଯୁକ୍ତଙ୍କର ଡିସଚାର୍ଜ ପିଟିସନ ଖାରଜ କରିବା ସହ ଚାର୍ଜ ଫ୍ରେମ କରି ବିଚାରଣା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ. ପୃଥ୍ୱୀରାଜ ଏଥିରେ ଶ୍ରୀ ମିଶ୍ରଙ୍କୁ ଯଥାର୍ଥ ସହଯୋଗ କରିଥିଲେ।

## କରଞ୍ଜିଆ ବିଧାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର, ୧୨୦ ୟୁନିଟ ରକ୍ତ ସଂଗ୍ରହ




କରଞ୍ଜିଆ, (ମହାଭାରତ) : କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ଦିନ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉପସ୍ଥିତ ରହି ଫିତା କାଟି ଶିବିର କୁ ଶୁଭାରମ୍ଭ କରିଥିଲେ।ଏହି ଅବସରରେ କରଞ୍ଜିଆ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ତହସିଲଦାର ସମ୍ବିତ କର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆରମ୍ଭରେ ବିଧାୟକ ଓ କାର୍ଯ୍ୟକର୍ତ୍ତା ମାନେ ଶିବ ମନ୍ଦିର ରେ ପୂଜାର୍ଚ୍ଚନା କରିଥିଲେ।ବିଧାୟକ ଙ୍କୁ ସାଂସଦଙ୍କ ସମେତ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ତହସିଲଦାର ସମ୍ବିତ କୁମାର କର ବିଧାୟକଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ । ପରେ ରକ୍ତଦାନ ଚାଲିବା ସହ ଡାକ୍ତରଖାନାରେ ବିଧାୟକ, ସାଂସଦ, ଅଧିକାରୀ ବୃନ୍ଦ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । କରଞ୍ଜିଆ ରକ୍ତ ଭଣ୍ଡାର କର୍ମଚାରୀ ଡା. ଗୌରାଙ୍ଗ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ସମୁଦାୟ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ, ଆଶିଷ କୁମାର ପାଣିଗ୍ରାହୀ, ତାରାକାନ୍ତ ପଟ୍ଟନାୟକ, ବିମଳ ସେନାପତି, ଯୋଗେନ୍ଦ୍ର ମହାନ୍ତ, ବିଚ୍ଛେନ୍ଦ୍ର ବେହେରା,ରଞ୍ଜିତ ବେହେରା ତଥା ଅନେକ ସହଯୋଗୀ ଶିବିର ଆୟୋଜନରେ ବିଶେଷ ଭୂମିକା ନିର୍ବାହ କରିଥିଲେ ।

## ଷ୍ଟୁଡେଣ୍ଟ୍ ୟୁନିୟନ ଦଖଲରେ ଶିଶୁ ଅନନ୍ତ ମହାବିଦ୍ୟାଳୟ , ଏବିଭିପି ହାତ ଖାଲି

ବାଲିପାଟଣା, (ମହାଭାରତ ): ଶିଶୁ ଅନନ୍ତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସମସ୍ତ ପଦବୀକୁ ଷ୍ଟୁଡେଣ୍ଟ୍ ୟୁନିୟନ ସମର୍ଥିତ ପ୍ରାର୍ଥୀ ଦଖଲ କରିଛନ୍ତି।ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ନିର୍ବାଚନରେ ଛାତ୍ର ସଂସଦର ସମର୍ଥିତ ସମସ୍ତ ପ୍ରାର୍ଥୀ ଅପ୍ରତ୍ୟାଶିତ ବିଜୟଲାଭ କରିଥିବା ବେଳେ ଅନ୍ୟପକ୍ଷରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପି ହାତ ଖାଲି ରହିଛି । ପ୍ରକାଶିତ ଫଳାଫଳ ଅନୁଯାୟୀ, ମହାବିଦ୍ୟାଳୟର ସଭାପତି ଭାବେ ଷ୍ଟୁଡେଣ୍ଟ୍ ୟୁନିୟନ ସମର୍ଥିତ ପ୍ରାର୍ଥୀ ବିଶାଳ ଜେନା ବିଜୟୀ ହୋଇଥିବା ବେଳେ ଉପ-ସଭାପତି ଭାବେ ରଶ୍ମିତା ନାଥ ବିଜେତା ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦବୀରେ ସୁଶ୍ରୀ ସଙ୍ଗୀତା ଭୋଇ ଏବଂ ସହ-ସମ୍ପାଦକ ଭାବେ ସୁଭଶିଷ ପାଣି ବିଜୟୀ ହୋଇଛନ୍ତି।ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ମଧ୍ୟରେ ନାଟ୍ୟ ପରିଷଦ ସମ୍ପାଦକ ଭାବେ ଇତିଶ୍ରୀ ପରିଡ଼ା, ଆଥ୍‌ଲେଟିକ୍ ସୋସାଇଟି ସମ୍ପାଦକ ଭାବେ ରାକେଶ ସାହୁ ଏବଂ ଝିଅମାନଙ୍କ ସାଧାରଣ ବିଶ୍ରାମ କକ୍ଷ ସମ୍ପାଦକ ଭାବେ କଲ୍ୟାଣୀ ଦାସ ବିଜୟଲାଭ କରିଛନ୍ତି।

## ଅର୍ଜୁନ ଡିଗ୍ରୀ କଲେଜର ଚତୁର୍ଥ ପ୍ରତିଷ୍ଠା ଦିବସ ଓ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ



ରେଢ଼ାଖୋଲ ( ମହାଭାରତ) : ରେଢ଼ାଖୋଲ ଉପଖଣ୍ଡ କଦଳୀଗଡ଼ର ଅର୍ଜୁନ ଡିଗ୍ରୀ କଲେଜର ଚତୁର୍ଥ ପ୍ରତିଷ୍ଠା ଦିବସ ଓ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଖିଳେନ୍ଦ୍ର ଶାସନୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସେ ମହାବିଦ୍ୟାଳୟର ପ୍ରତିଷ୍ଠାଠାରୁ ଆଜି ପର୍ଯ୍ୟନ୍ତ ଏହାର ଶିକ୍ଷାଗତ ଅଗ୍ରଗତି, ଉପଲବ୍ଧି, ସହପାଠ୍ୟକ୍ରମ କାର୍ଯ୍ୟକଳାପ ଓ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷାର ମହତ୍ତ୍ୱ, ନୈତିକ ମୂଲ୍ୟବୋଧ ଓ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ରେଢ଼ାଖୋଲ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା, ନିଷ୍ଠା ଓ ଆତ୍ମବିଶ୍ୱାସ ସହ ନିଜ ଜୀବନର ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି ଓ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି କେ.ସି. ହୋତା ଯୋଗଦେଇଥିବା ବେଳେ ଗଭର୍ଣ୍ଣିଂ ବଡିର ସଭାପତି ଭୁବନେଶ୍ୱର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଅତିଥିମାନେ ମହାବିଦ୍ୟାଳୟର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାରୋହର ଅନ୍ୟତମ ଆକର୍ଷଣ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ବଡ଼ମାଳର ମା' ମାହେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥି ।ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ସହ ମହାବିଦ୍ୟାଳୟର ଶିକ୍ଷାଗତ ଓ ସାଂସ୍କୃତିକ ଯାତ୍ରାରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀ ସାଇ ଦର୍ଶିତା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସମାରୋହଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ଆଡକଟାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ: ୨୫୬ ପ୍ରତିଯୋଗୀ ସାମିଲ




ଗଣିଆ, (ମହାଭାରତ): ଗଣିଆ ବ୍ଲକ୍ ଅନ୍ତର୍ଗତ ଆଡକଟା ପଞ୍ଚାୟତର ଜଗନ୍ନାଥପ୍ରସାଦ ପ୍ରଗଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନସ୍ଥ ୩ଟି ପ୍ରାଥମିକ, ୪ଟି ଉଚ୍ଚ ପ୍ରାଥମିକ, ୨ଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ଆଦର୍ଶ ବିଦ୍ୟାଳୟର ସମୁଦାୟ ୨୫୬ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ସୃଜନଶୀଳ ଲିଖନ, ବକ୍ତୃତା, କୁଇଜ୍, ବର୍ଜ୍ୟବସ୍ତୁରୁ କଳାକୃତି ନିର୍ମାଣ ସମେତ 'ପିଏମ୍ ପୋଷଣ' ଓ 'ଏମ୍ଏମ୍ ପୋଷଣ' ସମ୍ପର୍କିତ ଚିତ୍ରାଙ୍କନ ଏବଂ ଗୀତିନାଟ୍ୟ ଭଳି ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ବ୍ଲକ ସ୍ତରୀୟ ମହୋତ୍ସବ ପାଇଁ ମନୋନୀତ କରାଯାଇଛି। ଅପରାହ୍ଣରେ ଆୟୋଜିତ ଉଦ୍?ଯାପନୀ ସଭାରେ ଆଡକଟା ପଞ୍ଚାୟତ ସରପଞ୍ଚ ସୁବାସିନୀ ବାରିକ ମୁଖ୍ୟ ଅତିଥି ଏବଂ ବି.ଆର୍.ସି.ସି. ବିନୋଦିନୀ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ସାହୁ, ପୁରାତନ ଛାତ୍ର ସଭ୍ୟ ନିରଞ୍ଜନ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆନନ୍ଦଚନ୍ଦ୍ର ଡାକୁଆ ଉପସ୍ଥିତ ଥିଲେ। ସ୍ଥାନୀୟ ସି.ଆର୍.ସି.ସି. ପ୍ରସନ୍ନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବାମନ ଚରଣ ବାରିକ ସଭା ମଞ୍ଚ ପରିଚାଳନା କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।

# ଉପଲାଡ଼ାରେ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ଉପଲାଡ଼ା, (ମହାଭାରତ) : ସେଣ୍ଟୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ୧୫ ଅକ୍ଟୋବର ୨୦୨୬ ତାରିଖରେ ଉପଲାଡ଼ାସ୍ଥିତ ଏକ ବିଦ୍ୟାଳୟରେ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳନ କରାଯାଇଥିଲା। ବ୍ୟକ୍ତିଗତ ସ୍ୱଚ୍ଛତା ବଜାୟ ରଖିବା ଏବଂ ସଂକ୍ରାମକ ରୋଗର ପ୍ରସାରକୁ ରୋକିବାରେ ସଠିକ୍ ଭାବରେ ହାତ ଧୋଇବାର ଗୁରୁତ୍ୱ ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମଟି CUTM ର ସ୍କୁଲ୍ ଅଫ୍ ନର୍ସିଂର ପ୍ରଥମ ସେମିଷ୍ଟର ବି.ଏସ୍?.ସି. ନର୍ସିଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହା ସ୍କୁଲ୍ ଅଫ୍ ନର୍ସିଂର ଅଧ୍ୟାପିକା ସିମରନ୍ ମ୍ୟାମ୍?ଙ୍କ ମାର୍ଗଦର୍ଶନ ଓ ସହଯୋଗରେ ସମ୍ପନ୍ନ ହୋଇଥିଲା। ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ହାତର ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ବିଦ୍ୟାଳୟର ପିଲାମାନଙ୍କୁ ସଚେତନ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମ ସମୟରେ ସାବୁନ ଓ ସ୍ୱଚ୍ଛ ପାଣିରେ ହାତ ଧୋଇବାର ଗୁରୁତ୍ୱ ବୁଝାଇବା ପାଇଁ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକଳାପ କରାଯାଇଥିଲା। ଛାତ୍ରଛାତ୍ରୀମାନେ ହାତ ଧୋଇବାର ସଠିକ୍ ପଦକ୍ଷେପଗୁଡ଼ିକ ପ୍ରଦର୍ଶନ କରିଥିଲେ। ଖାଇବା ପୂର୍ବରୁ, ଶୌଚାଳୟ ବ୍ୟବହାର କରିବା ପରେ, ଖେଳିବା ପରେ ଏବଂ ଦୂଷିତ ବସ୍ତୁର ସଂସ୍ପର୍ଶରେ ଆସିବା ପରେ ହାତ ଧୋଇବାର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସଠିକ୍ ଭାବରେ ହାତ ଧୋଇବା ଦ୍ୱାରା ଝାଡ଼ା, ଶ୍ୱାସକ୍ରିୟା ସମ୍ବନ୍ଧୀୟ ସଂକ୍ରମଣ ଏବଂ ଅନ୍ୟାନ୍ୟ ସ୍ୱଚ୍ଛତାଜନିତ ରୋଗର ପ୍ରସାରକୁ କିପରି ରୋକାଯାଇପାରିବ, ସେ ବିଷୟରେ ଆଲୋକପାତ କରାଯାଇଥିଲା। ନର୍ସିଂ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଓ ଘରେ ନିୟମିତ ହାତ ଧୋଇବାର ଅଭ୍ୟାସ ଗଢ଼ି ତୋଳିବା ସହ ସୁସ୍ଥ ସ୍ୱଚ୍ଛତା ଅଭ୍ୟାସ ଅନୁସରଣ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମ ପ୍ରଥମ ସେମିଷ୍ଟର ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ସମୁଦାୟ ମଧ୍ୟରେ ନିଜର ଜ୍ଞାନକୁ ପ୍ରୟୋଗ କରିବା ସହିତ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ ଓ ଯୋଗାଯୋଗ ଦକ୍ଷତାର ବିକାଶ କରିବାର ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିଲା। ନର୍ସିଂ ଛାତ୍ରଛାତ୍ରୀ, ଅଧ୍ୟାପିକା ଏବଂ ଉପଲାଡ଼ା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା। କୃତଜ୍ଞତା ଜ୍ଞାପନ-ଉପଲାଡ଼ାଠାରେ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏହି ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିବାରୁ ସେଣ୍ଟୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ଉଟଞଗ) ର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ଆମର ଆନ୍ତରିକ କୃତଜ୍ଞତା ଜଣାଉଛୁ। ଏହା ସହିତ, ମାର୍ଗଦର୍ଶନ ଓ ସହଯୋଗ ପାଇଁ ସିମରନ୍ ମ୍ୟାମ୍?ଙ୍କୁ ଏବଂ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନଙ୍କୁ ଆମର ହୃଦୟରୁ ଧନ୍ୟବାଦ ଜଣାଉଛୁ।

### ସ୍ୱାମୀଙ୍କୁ ମାରି ସାପ ଛାଡ଼ିଥିବା ଘଟଣା

## ପତ୍ନୀ ଓ ପ୍ରେମିକଙ୍କୁ ମିଳିଲା ମୃତ୍ୟୁଦଣ୍ଡ



**ନୂଆଦିଲ୍ଲୀ,୧୬।୧୦:** ପୁଣି ଜଣେ ପ୍ରେମୀ ଯୁଗଳଙ୍କୁ ମିଳିଛି ଫାଶୀ ଦଣ୍ଡ। ସ୍ୱାମୀଙ୍କୁ ହତ୍ୟା କରିବା ଘଟଣାରେ ପତ୍ନୀ ଓ ତା' ପ୍ରେମିକଙ୍କୁ ମୀରଟର ଗୋଟିଏ କୋର୍ଟ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ପତ୍ନୀ ରବିତା ପ୍ରେମିକ ଅମରଦୀପ ସହ ମିଶି ଆକବରପୁର ସାଦାତ ଗାଁରେ ସ୍ୱାମୀ ଅମିତ କଶ୍ୟପଙ୍କୁ ୨୦୨୫ ମସିହା ଏପ୍ରିଲ ୧୨ରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲେ। ଏହାପରେ ତାଙ୍କ ମୃତଦେହ ତଳେ ଗୋଟିଏ ସାପ ଛାଡ଼ି ଦେଇଥିଲେ। ସାପ କାମୁଡ଼ାରେ ଅମିତଙ୍କ ମୃତ୍ୟୁ ହୋଇଥିବା ସେମାନେ ଦେଖିବାକୁ ଚେଷ୍ଟା କରିଥିଲେ। ହେଲେ ଆଇନର ହାତ ଲମ୍ବା ଭଳି ସେମାନଙ୍କ ସବୁ ଗୁମର ଖୋଲି ଯାଇଛି। ଆଉ ମୀରଟ କୋର୍ଟ ଉଭୟଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୀରଟ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ-୧୨ ଉଭୟଙ୍କୁ ଏପରି ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାପୂର୍ବରୁ ଅକ୍ଟୋବର ୭ରେ ରବିତା ଓ ଅମନଦୀପଙ୍କୁ କୋର୍ଟ ହତ୍ୟା ଏବଂ ହତ୍ୟା ଷଡ଼ଯନ୍ତ୍ରରେ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ଘଟଣାରେ ପୁଲିସ ୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ସେହିପରି କୋର୍ଟ ୧୨ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ। ଦଣ୍ଡ ବିଧାନର ଶୁଣାଣି ବେଳେ ସରକାରୀ ଓକିଲ କେକେ ଚୌବେ ଅପରାଧ, ଉଦ୍ଦେଶ୍ୟ ଓ ଏହାକୁ କାର୍ଯ୍ୟକାରୀ କରିବାର ଶୈଳୀ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ହତ୍ୟା ପରେ ଅମିତଙ୍କ ମୃତଦେହ ତଳେ ଗୋଟିଏ ସାପକୁ ଛଡ଼ା ଯାଇଥିଲା। ଏଥିପାଇଁ ସାପକୁ ୧ ହଜାର ଟଙ୍କାରେ କିଣି ଗୋଟିଏ ପାତ୍ରରେ ରଖାଯାଇଥିଲା। ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ଦେଖାଇବାକୁ ରବିତା ଓ ଅମରଦୀପ ଯୋଜନା କରିଥିଲେ। ଏହା ପ୍ରମାଣକୁ ଲୁଚାଇବା ଓ ତଦନ୍ତକୁ ବାଟବଣା କରିବା ସହ ସମାନ। ଅପରାଧର ବର୍ବରତା ଓ ଷଡ଼ଯନ୍ତ୍ରର ଉଦାହରଣ ଦେଇ ସେ ସର୍ବାଧିକ ଦଣ୍ଡ ଦେବାକୁ ନିବେଦନ କରିଥିଲେ। ସାପଟି ବିଷାକ୍ତ ଥିଲା କି ନାହିଁ, ସେକଥା ମଧ୍ୟ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ସାପ ଧରାଳୀ ବିଶେଷଜ୍ଞଙ୍କ କହିବା କଥା ଯେ ଅମିତଙ୍କ ମୃତଦେହ ତଳୁ ମିଳିଥିବା ସାପ ବିଷାକ୍ତ ନୁହେଁ। ଉକ୍ତ ସାପ କାମୁଡ଼ିବା ଦ୍ୱାରା ମୃତ୍ୟୁ ଅସମ୍ଭବ। ଅମିତଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ଚୌବେ କୋର୍ଟଙ୍କୁ ଜଣାଇଥିଲେ। ପରକୀୟାପ୍ରୀତି ଯୋଗୁ ଆରମ୍ଭ ହୋଇଥିବା ବିବାଦ କାରଣରୁ ଅମିତଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି କହି ଚୌବେ ସିଧାସଳଖ ଶବନମ ହତ୍ୟା ମାମଲା, ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟ କଥା ଉଠାଇଥିଲେ। ମାମଲାର ଗମ୍ଭୀରତା, ଅପରାଧର ଶୈଳୀ ଓ ଦୋଷୀଙ୍କ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଦଣ୍ଡବିଧାନ କରାଯିବା ଦରକାର ବୋଲି ସେ କହିଥିଲେ।

### ତ୍ରିରଙ୍ଗା ଉଡ଼ାଇବା ପାଇଁ ସିଜେପିକୁ ମିଳିଲାନି ଅନୁମତି

## ଫାଶୀ ଖୁଣ୍ଟରେ ଝୁଲାଇ ଦିଅ : ଦୀପ୍‌କେ

**ନୂଆଦିଲ୍ଲୀ,୧୬।୧୦:** ତ୍ରିରଙ୍ଗା ଉଡ଼ାଇବାକୁ କକ୍ରୋଚ ଜନତା ପାର୍ଟି ବା ସିଜେପିକୁ ଅନୁମତି ଦେଇନି ଦିଲ୍ଲୀ ପୋଲିସ୍। କନୌଟ ପ୍ଲେସର କେନ୍ଦ୍ରୀୟ ପାର୍କରେ ସିଜେପି ନିଜ ସମର୍ଥକଙ୍କ ସହ କେବଳ ତ୍ରିରଙ୍ଗା ଉଡ଼ାଇବାକୁ ଡାକରା ଦେଇଥିଲା। ହେଲେ ତ୍ରିରଙ୍ଗା ଉଡ଼ାଇବା ପୂର୍ବରୁ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କୁ ନୋଟିସ କରି ଏଥିରୁ ଦୂରେଇ ରହିବାକୁ ଚେତାବନୀ ଦେଇଛି ପୁଲିସ୍। ଏହି ନୋଟିସ ପାଇବା ପରେ ଦୀପକେ ଫାଶୀ ଖୁଣ୍ଟରେ ଝୁଲାଇ ଦେବାକୁ ନୋଟିସ ନେଇ ଆସିଥିବା ପୋଲିସ୍ ଅଧିକାରୀମାନଙ୍କୁ କହିଛନ୍ତି। ଲେହେରା ଦୋ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଗୁବାର ଠାରୁ ଦିଲ୍ଲୀର ଝାନଦେୱାଲାନରେ ରହିଛନ୍ତି ଦୀପକେ। ସେ ଆଜି ଅପରାହ୍ନ ୫ଟାରେ ହେବାକୁ ଥିବା ତ୍ରିରଙ୍ଗା ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ଦିଲ୍ଲୀ ପୁଲିସ୍‌ର ଗୋଟିଏ ଟିମ ସେ ରହୁଥିବା ଘରେ ପହଞ୍ଚିଥିଲା। ତାଙ୍କୁ ତ୍ରିରଙ୍ଗା କାର୍ଯ୍ୟକ୍ରମରୁ ଦୂରେଇ ରଖିବାକୁ ବିଧିବଦ୍ଧ ଭାବେ ନୋଟିସ ହସ୍ତାନ୍ତର କରିଥିଲା। ନୋଟିସରେ ଦିଲ୍ଲୀ ପୋଲିସ୍ କହିଛି ଯେ କନୌଟ ପ୍ଲେସରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଲାଗୁ ହୋଇଛି। ସେଠାରେ ତ୍ରିରଙ୍ଗା ଯାତ୍ରା କରିବାକୁ ଦିଲ୍ଲୀ ପୌର ନିଗମ ମଧ୍ୟ ଅନୁମତି ଦେଇ ନାହିଁ। ବିନା ଅନୁମତିରେ ଯଦି ସେ ନିଜ ସମର୍ଥକଙ୍କ ସହ କନୌଟ ପ୍ଲେସ ଯିବେ, ତା'ହେଲେ ଏହା ଧାରା ୧୬୩ର ଉଲ୍ଲଙ୍ଘନ ଭାବେ ବିବେଚିତ ହେବ। ସେହିପରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରେ ବୋଲି ପୋଲିସ୍ ନୋଟିସ୍‌ରେ ଦୀପକେଙ୍କୁ ଚେତାବନୀ ଦେଇଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ନୋଟିସ ଦେବାକୁ ଦିଲ୍ଲୀ ପୋଲିସ୍ ପହଞ୍ଚିବା ସମୟରେ ଦୀପକେ ହାତରେ ତ୍ରିରଙ୍ଗା ସହ ବସି ରହିଥିଲେ। ଏହାପରେ ଜଣେ ପୋଲିସ୍ ଅଧିକାରୀ ତାଙ୍କୁ ନୋଟିସ ଦେଇ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହାକୁ ଦେଖି ଦିପକେ କହିଥିଲେ ଯେ "ଆପଣମାନେ ଯାହା ଭାବୁଛନ୍ତି ମନଇଚ୍ଛା ସେସବୁ ଲେଖି ଦେଉଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ। ସବୁଠାରୁ ଭଲ ହବ ଯେ ଆପଣମାନେ ଫାଶୀ ଖୁଣ୍ଟରେ ଝୁଲାଇ ଦିଅନ୍ତୁ। ଏସବୁ କେଉଁ ପ୍ରକାରର ପିଲାଳିଆମୀ।" ପୋଲିସ୍ ନୋଟିସର ଗୋଟିଏ ପଏଣ୍ଟରେ ଉଲ୍ଲେଖ କରିଛି ଯେ ଦୀପକେ ଉସକାଇବା ଭଳି ଭାଷଣ ଦେଇଛନ୍ତି। ଏହାକୁ ଦେଖି ଦୀପକେ କହିଥିଲେ ଯେ "ହିଂସା ସମ୍ପର୍କରେ ମୁଁ କହିଥିବା ଗୋଟିଏ ଭିଡିଓ ଦେଖାନ୍ତୁ। ଏହାପରେ ଆପଣମାନେ ଯାହା କହିବେ ମୁଁ କରିବି।"

ସେ ପୋଲିସ୍‌ର ଯୁକ୍ତିତର୍କ କରି କେନ୍ଦ୍ରୀୟ ପାର୍କରେ ଆନ୍ଦୋଳନ ପାଇଁ ଡାକରା ଦିଆଯାଇ ନଥିବା ବୁଝାଇଥିଲେ। ସେ କହିଥିଲେ ଯେ "ଆମେ ଆଦୌ କୌଣସି ବିକ୍ଷୋଭ କରିବୁ ନାହିଁ। ସେଠାରେ କୌଣସି ଲାଉଡସ୍ପିକର ନାହିଁ। ଆମେ କେବଳ ସେଠାରେ ତ୍ରିରଙ୍ଗା ଉଡ଼ାଇବୁ। କ'ଣ ତ୍ରିରଙ୍ଗା ଉଡ଼ାଇବାକୁ ମଧ୍ୟ ଅନୁମତି ନାହିଁ?" ଦୀପକେ ଏତେ କଥା କହିଥିଲେ ହେଁ ପୋଲିସ୍ ତାଙ୍କୁ ତ୍ରିରଙ୍ଗା କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ କହିଛି। ଏହାପୂର୍ବରୁ ସିଜେପିର ଅକ୍ଟୋବର ୧୦ ତାରିଖ ଯନ୍ତରମନ୍ତର ବିକ୍ଷୋଭକୁ ମଧ୍ୟ ଦିଲ୍ଲୀ ପୋଲିସ୍ ଅନୁମତି ଦେଇ ନଥିଲା। ଯନ୍ତରମନ୍ତରରେ ଧାରା ୧୬୩ ଲାଗୁ କରି ହଜାର ହଜାର ବିକ୍ଷୋଭକାରୀଙ୍କୁ ପୁଲିସ୍ ଉଠାଇ ନେଇଥିଲା।



## ତ୍ରିରଙ୍ଗା ଯାତ୍ରାକୁ ତତ୍କାଳ ନିର୍ଦ୍ଦେଶନାମା ଜାରି କରିବାକୁ ସୁପ୍ରିମକୋର୍ଟଙ୍କ ନା'

କକ୍ରୋଚ ଜନତା ପାର୍ଟି ବା ସିଜେପିର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମକୁ ନେଇ ତତ୍କାଳ ନିର୍ଦ୍ଦେଶନାମା ଜାରି କରିବାକୁ ମନା କରଦେଇଛନ୍ତି ସୁପ୍ରିମକୋର୍ଟ। ସିଜେପି ପକ୍ଷରୁ ଆଜି ଅପରାହ୍ନ ୫ଟାରେ ଦିଲ୍ଲୀର କେନ୍ଦ୍ରୀୟ ପାର୍କ ନିକଟରେ ଲେହେରା ଦୋ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୌର ପରିଷଦ ୨ ଦିନ ପାଇଁ କେନ୍ଦ୍ରୀୟ ପାର୍କକୁ ବନ୍ଦ ଘୋଷଣା କରିଛି। ଏପରି ପଦକ୍ଷେପ ଯୋଗୁ ଦିଲ୍ଲୀର ବ୍ୟବସାୟୀ ସଂଘ କ୍ଷତି ସହିବା ଆଶଙ୍କାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ତତ୍କାଳ ଆଶ୍ୱସ୍ତି ମାଗିଥିଲେ। କିନ୍ତୁ ସେମାନଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳିନି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ ବିକ୍ଷୋଭ ଯୋଗୁ ଯଦି ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟକଳାପ ପ୍ରଭାବିତ ହେବ, ତା'ହେଲେ କୋର୍ଟ ନିଶ୍ଚିତ ଭାବେ ନିଜ କ୍ଷମତାର ପ୍ରୟୋଗ କରିବେ। ଦିଲ୍ଲୀ କିରାନା କମିଟି ଓ ଦିଲ୍ଲୀ ଆଇରନ-ହାର୍ଡୱେୟାର ମର୍ଚ୍ଚାଣ୍ଟ ଆସୋସିଏସନ ପକ୍ଷରୁ କରାଯାଇଥିବା ଆବେଦନକୁ ଶୁକ୍ରବାର ସକାଳେ ସିଜେପିଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଆବେଦନକାରୀମାନେ କେନ୍ଦ୍ରୀୟ ପାର୍କରେ ପ୍ରସ୍ତାବିତ ବିକ୍ଷୋଭକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ବିକ୍ଷଭୋ ଯୋଗୁ କନୌଟ ପ୍ଲେସ ମାର୍କେଟ ଦୈନିକ ୨୦୦ କୋଟି ଟଙ୍କାର କ୍ଷତି ସହିବ ବୋଲି ସେମାନେ ଦାବି କରିଛନ୍ତି। ଆବେଦନର ଶୁଣାଣି କୋର୍ଟ ଅକ୍ଟୋବର ଶେଷ ସପ୍ତାହରେ କରିବେ ବୋଲି ସିଜେଆଇ ରାଜି ହୋଇଛନ୍ତି। ଏହି ସମୟରେ ସିଜେଆଇ କହିଛନ୍ତି ଯେ ବ୍ୟବସାୟରେ ବିଭ୍ରାଟ ନିଶ୍ଚିତ ଭାବେ ଅନେକ ପରିବାର ଜୀବିକାକୁ ପ୍ରଭାବିତ କରିବ। ଆମର ଆଶା ସମସ୍ତେ ସବୁ କିଛି ବୁଝି ପାରିବେ। ଆମେ ଜାଣିଛୁ ଯେ ସମସ୍ତ ଛୋଟ ଦୋକାନୀ ଏବେର ସମୟରେ ନିଜ ଜୀବନ ପାଇଁ ଜୀବିକାରୁ ଆୟ କରୁଛନ୍ତି। ଆମେ ଜାଣିଛୁ ଯେ ଏଥିରେ ବିଭ୍ରାଟ ପୂରା ପରିବାରକୁ କେତେ ସମସ୍ୟାରେ ପକାଇବ ବୋଲି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି।

## ଯଦି ସମସ୍ତେ ସାମ୍ବାଦିକ ହୋଇଯାଆନ୍ତି, ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୬।୧୦:** ଯଦି ପ୍ରତ୍ୟେକ ନାଗରିକ ସାମ୍ବାଦିକ ହୋଇଯାଆନ୍ତି, ତେବେ ଏହା ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଫ୍ରିଲାନ୍ସର, ସ୍ୱାଧୀନ ସାମ୍ବାଦିକ ଏବଂ ରିଲ୍ ନିର୍ମାତାଙ୍କ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଅନେକ ଜନସ୍ୱାର୍ଥ ମାମଲା ଦାୟର ହେବା ପରେ ଏହି ଗୁରୁବାର ଦିନ ସୁପ୍ରିମକୋର୍ଟ ଏଭଳି ମନ୍ତବ୍ୟ ଦେଇଛନ୍ତି । ଏହି ବ୍ୟକ୍ତିମାନେ ପ୍ରାୟତଃ ପ୍ରତିବାଦ ସ୍ଥଳରେ ବହୁ ସଂଖ୍ୟାରେ ପହଞ୍ଚନ୍ତି ଯେଉଁଠାରେ ପୂର୍ବରୁ ପଞ୍ଜିକୃତ ମିଡିଆ ହାଉସରୁ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ଏକ ବଡ଼ ଭିଡ଼ ଉପସ୍ଥିତ ଥାଏ। ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ସୁପ୍ରିମକୋର୍ଟ ଖଣ୍ଡପୀଠ ସମ୍ମୁଖରେ ଅଭିଯୋଗ କରିଥିଲେ ଯେ ଦିଲ୍ଲୀ ପୋଲିସ ପ୍ରତିବାଦ କଭର କରୁଥିବା ସ୍ୱାଧୀନ ଏବଂ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ମାନଙ୍କୁ ସ୍ୱୀକୃତି ଦିଏ ନାହିଁ ଏବଂ ସେମାନଙ୍କର ପ୍ରେସ୍ ସୂଚନା ବ୍ୟୁରୋ କାର୍ଡ ଦାବି କରେ। ସେ କହିଛନ୍ତି ଯେ ପୋଲିସ ପାଇଁ ଏକ ଜାତୀୟ ପ୍ରୋଟୋକଲ୍ ରହିବା ଉଚିତ ଯାହା ନିଶ୍ଚିତ କରିବ ଯେ ସେମାନେ ସେମାନଙ୍କ ପ୍ରତିଷ୍ଠାନରୁ ପରିଚୟ ପତ୍ର ଥିବା କୌଣସି ସାମ୍ବାଦିକଙ୍କ ବୃତ୍ତିଗତ କାର୍ଯ୍ୟରେ ବାଧା ସୃଷ୍ଟି କରିବେ ନାହିଁ । ତଥାପି, ସିଜେଆଇ ସୂର୍ଯ୍ୟକାନ୍ତ ସତର୍କତା ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, 'ଆମକୁ ଗୋଟିଏ କଥା ମନେ ରଖିବାକୁ ପଡିବ, ଯଦି ସମସ୍ତେ ସାମ୍ବାଦିକ ହେବା ଆରମ୍ଭ କରନ୍ତି, ତେବେ ଏହା ଅନ୍ୟ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ।' ଜଷ୍ଟିସ୍ ବାଗଚି କହିଛନ୍ତି, 'ପ୍ରକାଶିତ ସ୍ୱାଧୀନତାର ଅଧିକାର ଦେଶର ପ୍ରତ୍ୟେକ ନାଗରିକଙ୍କୁ ସାମ୍ବାଦିକ ହେବାର ଅଧିକାର ଦିଏ କି ନାହିଁ ତାହା ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରାଯିବା ଆବଶ୍ୟକ ।

### 'ତଲାକ୍-ଇ-ହସନ୍' ଓ ବହୁବିବାହକୁ ଚ୍ୟାଲେଞ୍ଜ

## କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ୍



**ନୂଆଦିଲ୍ଲୀ,୧୬।୧୦:** ମୁସଲିମ୍ ପର୍ସନାଲ୍ ଲ' ଅଧୀନରେ ପ୍ରଚଳିତ 'ତଲାକ୍-ଇ-ହସନ୍' ଏବଂ ସମସ୍ତ ପ୍ରକାର ଏକପାଖିଆ ବିବାହ ବିଚ୍ଛେଦ ପ୍ରକ୍ରିୟା ପାଇଁ ସମାନ ଆଇନଗତ ସୁରକ୍ଷା ଓ ନିୟମାବଳୀ ଲାଗୁ କରିବାକୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଶୁକ୍ରବାର ସୁପ୍ରିମ୍ କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଟିକୁ ପୂର୍ବରୁ ବିଚାରାଧୀନ ଥିବା ଏକ ସମାନ ଆବେଦନ ସହ ସାମିଲ୍ କରିଛନ୍ତି। ନୂତନ ଭାବେ ଦାଖଲ ହୋଇଥିବା ଏହି ଆବେଦନରେ 'ତଲାକ୍-ଇ-ହସନ୍' କୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବାକୁ ନିବେଦନ କରାଯାଇଛି। 'ତଲାକ୍-ଇ-ହସନ୍' ବ୍ୟବସ୍ଥାରେ ଜଣେ ମୁସଲିମ୍ ପୁରୁଷ ଲଗାତାର ତିନି ମାସ ଧରି ପ୍ରତି ମାସରେ ଥରେ ଲେଖାଏଁ 'ତଲାକ୍' ଶବ୍ଦ ଉଚ୍ଚାରଣ କରି ବିବାହ ବିଚ୍ଛେଦ କରିପାରନ୍ତି। ଯଦି ଏହି ତିନି ମାସ ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁନଃ ସମ୍ପର୍କ ସ୍ଥାପନ ନହୁଏ, ତେବେ ତୃତୀୟ ମାସରେ ବିବାହ ବିଚ୍ଛେଦ ଆଇନଗତ ରୂପ ନିଏ। ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏଭଳି ସ୍ୱେଚ୍ଛାଚାରୀ ଛାଡ଼ପତ୍ର ପ୍ରଥା ଯୋଗୁଁ ଆକସ୍ମିକ ଭାବେ ବିଚ୍ଛେଦର ଶିକାର ହେଉଥିବା ମହିଳା ଓ ସେମାନଙ୍କ ସନ୍ତାନମାନଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଜରୁରୀ। ଏହାସହିତ ମୁସଲିମ୍ ପର୍ସନାଲ୍ ଲ' ଅପ୍ଲିକେସନ୍ ଆକ୍ଟ, ୧୯୩୭ ର ଧାରା ୨ କୁ ଅସାମ୍ବିଧାନିକ ଘୋଷଣା କରିବା ସହ ସମସ୍ତ ଧର୍ମର ମହିଳାମାନଙ୍କ ପାଇଁ ସମ୍ବିଧାନର ଧାରା ୧୪ (ସମାନତା), ଧାରା ୧୫ (ଭେଦଭାବମୁକ୍ତ) ଏବଂ ଧାରା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା) ଅନୁଯାୟୀ ଲିଙ୍ଗଗତ ସମାନତା ଓ ସମ୍ମାନଜନକ ଜୀବନଯାପନ ପାଇଁ ସମାନ ଆଇନଗତ ମାର୍ଗଦର୍ଶିକା ସ୍ଥିର କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ମାମଲାରେ ବହୁବିବାହ ପ୍ରଥା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି।

### ନିୟନ୍ତ୍ରଣ ହରାଇ ଗଛରେ ଧକ୍କାହେଲା କାର୍

## ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୧୬।୧୦:** ବୁଲନ୍ଦସହରର ନରୌରା ଥାନା ଅଞ୍ଚଳରେ ଦିଲ୍ଲୀ–ବଦାୟୁଁ ହାଇୱେରେ ଶୁକ୍ରବାର ଦ୍ୱିପ୍ରହରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଇକୋ କାର ନିୟନ୍ତ୍ରଣ ହରାଇ ଗଛରେ ଧକ୍କା ହୋଇ ଥିଲା । କାର୍ ଚାଳକଙ୍କ ସମେତ ପରିବାରର ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣ ଶିଶୁ ଅଛନ୍ତି । ସେମାନେ ସମସ୍ତେ କାସଗଞ୍ଜ ଜିଲ୍ଲାର ବୋଲି ଜଣାପଡ଼ିଛି । ବୁଲନ୍ଦସହରର ନରୌରା ଅଞ୍ଚଳର ଗାଁ ବେଲୋନ ସ୍ଥିତ ସିଦ୍ଧପୀଠ ବେଲୋନ ଭୱାନୀଙ୍କ ଦର୍ଶନ କରିବାକୁ ଆସିଥିଲେ । ପୁଲିସର ସୂଚନା ଅନୁସାରେ, ଶୁକ୍ରବାର ଦ୍ୱିପ୍ରହରରେ ନରୌରା ଥାନା ଅଞ୍ଚଳରେ ରତନପୁର ଖେଜିଆ ଗାଁ ନିକଟରେ କାସଗଞ୍ଜରୁ ବେଲୋନ ଭୱାନୀଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁ ଯାଉଥିଲେ। ଇକୋ କାରରେ ଆଠ ଜଣ ଲୋକ ବସିଥିଲେ । ହଠାତ୍ କାରଟି ଗଛରେ ଧକ୍କା ହୋଇ ଯାଇ ଥିଲା। ଦୁର୍ଘଟଣାରେ ଆଠ ଜଣ ଲୋକ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ସିଏଚସି ଡିବାଇକୁ ନିଆଯାଇ ଥିଲା । ସେଠାରେ ଡାକ୍ତର ପାଞ୍ଚ ଜଣଙ୍କୁ ମୃତ ଘୋଷିତ କରିଥିଲେ । ମୃତକ ଓ ଆହତ ମାନେ କାସଗଞ୍ଜ ଜିଲ୍ଲାର ସିଦ୍ଧପୁରା ଥାନା ଅନ୍ତର୍ଗତ ଦେହଲି ବୁଜୁର୍ଗର ବାସିନ୍ଦା ।

## ୟେମେନ ରାଷ୍ଟ୍ରପତି ଭବନ ଉପରେ ହୁତିର କ୍ଷେପଣାସ୍ତ୍ର ମାଡ଼; ୪ ମୃତ

**ସନା,୧୬।୧୦:** ୟେମେନରେ ସଂଘର୍ଷ ଜୋରଦାର ହେବାରେ ଲାଗିଛି। ଆଦେନ ସହର ସ୍ଥିତ ରାଷ୍ଟ୍ରପତି ଭବନ ଉପରେ ହୁତି ବିଦ୍ରୋହୀ ଗୁରୁବାର ୫ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଏହି ଆକ୍ରମଣ ସମୟରେ ପ୍ରଧାନମନ୍ତ୍ରୀ ସାୟା ମୋହସେନ ଅଲ-ଜିନ୍ଦାନୀ ଓ ଅନେକ ମନ୍ତ୍ରୀ ରାଷ୍ଟ୍ରପତି ଭବନ ପରିସରରେ ଥିଲେ। ତେବେ ସମସ୍ତେ ସୁରକ୍ଷିତ ଅଛନ୍ତି। ସୂଚନା ମନ୍ତ୍ରଣାଳୟ ଅନୁଯାୟୀ, ଏହି ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ସୁରକ୍ଷାକର୍ମୀ ସାମିଲ ଅଛନ୍ତି। ହୁତି ବିଦ୍ରୋହୀ କହିଛନ୍ତି ଯେ ଆଦେନରେ ଥିବା ସାଉଦି ଆରବର ସାମରିକ ଅଭିଯାନ ମୁଖ୍ୟାଳୟକୁ ନିଶାଣ କରି ଆକ୍ରମଣ କରାଯାଇଛି। ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ଏକ ଭଣ୍ଡାରକୁ ନିଶାଣ କରାଯାଇଥିଲା ବୋଲି ହୁତି ଗଣମାଧ୍ୟମ ଦାବି କରିଛି। ତେବେ ଏହା ସତ ନା ମିଛ ତାହା ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ ଯେ ଆଦେନ ହେଉଛି ଅନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ ୟେମେନ ସରକାରଙ୍କ ଅସ୍ଥାୟୀ ରାଜଧାନୀ। ଦେଶରେ ସରକାର ଓ ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ସଂଘର୍ଷ ଜାରି ରହିଛି। ୟେମେନ ସରକାରଙ୍କୁ ସାଉଦି ଆରବ ସମର୍ଥନ ଦେଇ ହୁତିଙ୍କ ବିରୋଧରେ ଲଢ଼ିବାକୁ ଅସ୍ତ୍ରଶସ୍ତ୍ର ସହାୟତା କରୁଛି।

## ସାଉଦି ଆରବ ପାଇଁ ବିମାନ ଚଳାଚଳ ବାଧାପ୍ରାପ୍ତ

**ୟୁଏଇ,୧୬।୧୦:** ସାଉଦି ଆରବରେ ବିଗୁଡୁଥିବା ସୁରକ୍ଷା ସ୍ଥିତିର ପ୍ରଭାବ ଏବେ ବିମାନ ଯାତ୍ରା ଉପରେ ପଡ଼ିଛି । ଭାରତରୁ ସାଉଦି ଆରବ ଯାଉଥିବା ଏବଂ ଭାରତ ଫେରୁଥିବା ଯାତ୍ରୀଙ୍କ ପାଇଁ ସମସ୍ୟା ବଢ଼ିପାରେ । ଏବେ ଅନେକ ବିମାନ କମ୍ପାନୀ ସେମାନଙ୍କର ବିମାନ ଚଳାଚଳ ବାତିଲ ଅବଧିକୁ ବଢାଇ ଦେଇଛନ୍ତି । ଇଣ୍ଡିଗୋ ରିୟାଦ, ଜେଦ୍ଦା, ଦାମ୍ମାମ ଓ ମଦିନାକୁ ଯାଉଥିବା ବିମାନଗୁଡ଼ିକୁ ୨୦୨୬ ଅକ୍ଟୋବର ୨୪ ତାରିଖ ଯାଏଁ ବାତିଲ କରିଛି । ସେହିପରି ଏୟାର ଇଣ୍ଡିଆ ରିୟାଦ, ଦାମ୍ମାମ ଓ ଜେଦ୍ଦାକୁ ଯାଉଥିବା ଏବଂ ସେଠାରୁ ଫେରୁଥିବା ବିମାନଗୁଡ଼ିକୁ ଅକ୍ଟୋବର ୨୦ ତାରିଖ ଯାଏଁ ବାତିଲ ରଖିବାକୁ ନିଷ୍ପତ୍ତି ନେଇଛି । ଇଣ୍ଡିଗୋ ଏକ୍ସରେ ସୂଚନା ଦେଇଥିବା ସୂଚନା ମୁତାବକ, ସାଉଦି ଆରବର ପରିବର୍ତ୍ତିତ ସ୍ଥିତିର ସମୀକ୍ଷା ପରେ ଅକ୍ଟୋବର ୨୪ ଯାଏଁ ସମ୍ପୃକ୍ତ ବିମାନଗୁଡ଼ିକର ଉଡ଼ାଣ ବାତିଲ ରଖିବାକୁ ନିଷ୍ପତ୍ତି ହୋଇଛି। ପ୍ରଭାବିତ ଯାତ୍ରୀଙ୍କୁ ସେମାନଙ୍କ ବୁକିଂ ସମୟରେ ଦିଆଯାଇଥିବା ଯୋଗାଯୋଗ ମାଧ୍ୟମରେ ସୂଚନା ପଠାଯାଉଛି । ଆକାସା ଏୟାର ମଧ୍ୟ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ରିୟାଦକୁ ଯାଉଥିବା ଓ ସେଠାରୁ ଫେରୁଥିବା ବିମାନର ଉଡ଼ାଣ ସ୍ଥଗିତ ଅବଧିକୁ ଅକ୍ଟୋବର ୨୪ ଯାଏଁ ବଢ଼ାଇଛି । ଜେଦ୍ଦାକୁ ଯାଉଥିବା ବିମାନର ଉଡ଼ାଣ ଅକ୍ଟୋବର ୨୧ ଯାଏଁ ବାତିଲ କରିଛି ।

## ଚଳିତ ମାସରେ ସଂସଦର ସ୍ୱତନ୍ତ୍ର ଅଧିବେଶନ

### ଫୋକସରେ ସୀମା ପୁନଃନିର୍ଦ୍ଧାରଣ ବିଲ୍




**ନୂଆଦିଲ୍ଲୀ,୧୬।୧୦:** ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଗର୍ଜୁଥିବା ବେଳେ ନୂଆ ରଣନୀତି ଆପଣାଇବାକୁ ଯାଉଛନ୍ତି କେନ୍ଦ୍ର ସରକାର। ଚଳିତ ମାସ ଶେଷ ଭାଗରେ କେନ୍ଦ୍ର ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ପାରନ୍ତି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଧେୟକ ଓ ମହିଳା ସଂରକ୍ଷଣ ବିଲ୍‌କୁ ପାସ୍ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନର ଡାକିବା ମୁଡରେ ରହିଛନ୍ତି। ପୂର୍ବରୁ ଏହି ଦୁଇ ବିଲ୍ ପାରିତ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଏବେ ଆବଶ୍ୟକ ସମର୍ଥନ ନିଜ ସପକ୍ଷରେ କରିଥିବା ଆଶା କରି ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଯାଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସୂତ୍ର ଅନୁସାରେ, ଉଭୟ ଲୋକସଭା ଓ ରାଜ୍ୟସଭାରେ ସମ୍ବିଧାନ ସଂଶୋଧନ ବିଧେୟକ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ସାଂସଦଙ୍କ ସମର୍ଥନ ସରକାର ନିଜ ସପକ୍ଷରେ ଆଣିବାକୁ ବେଶ ଆଶାବାଦୀ ରହିଛନ୍ତି। ସମର୍ଥନ ହାସଲ କରିବା ଦିଗରେ ସରକାର ଗୋଟିଏ ଚାଳନା କରୁଥିବା ବେଳେ କିଛି ବିରୋଧୀ ଦଳଗୁଡ଼ିକ ସହ ମଧ୍ୟ ଯୋଗାଯୋଗ କରିଛନ୍ତି। କିଛି ରାଜନୀତିକ ଦଳ ନିଜର ଆଭିମୁଖ୍ୟ ବଦଳାଇବାର ସଙ୍କେତ ଦେଇଥିବାରୁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚାହୁଁଥିବା ଏହି ସୂତ୍ରରେ କୁହାଯାଇଛି। ସମାନ ପ୍ରସଙ୍ଗରେ ମୋଦି ସରକାରଙ୍କୁ ଏପ୍ରିଲ ୧୭ ବଜେଟ ଅଧିବେଶନରେ ଶକ୍ତ ଝଟକା ଲାଗିଥିଲା। ସୀମା ପୁନଃ ନିର୍ଦ୍ଧାରଣ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ ଓ ମହିଳା ସଂରକ୍ଷଣ ବିଲ୍ ଲୋକସଭାରେ ଆବଶ୍ୟକ ସମର୍ଥନ ହାସଲ କରିପାରି ନଥିଲା। ଏହାପରେ ସରକାର ମୌସୁମୀ ଅଧିବେଶନ ସମୟରେ ମଧ୍ୟ ବିଲ୍ ଆଣିବାକୁ ଚାହୁଁଥିଲେ। କିନ୍ତୁ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ନେଇ ଲାଗି ରହିଥିବା ବିବାଦ କାରଣରୁ ସରକାର ନିଜ ଯୋଜନାରେ ସଫଳ ହୋଇ ନଥିଲେ।

### ଆମେରିକାର ପ୍ରାଥମିକ ବିଦ୍ୟାଳୟରେ ୧୬ ବର୍ଷୀୟ ବାଳକର ଆଖିବୁଜା ଗୁଳିମାଡ଼

## ୩ ଶିଶୁଙ୍କ ସମେତ ୫ ମୃତ, ଆକ୍ରମଣକାରୀ ନିହତ

**ନୂଆଦିଲ୍ଲୀ,୧୬।୧୦:** ଆମେରିକାର ଓରେଗନ ରାଜ୍ୟର ବେଣ୍ଡ ସହରର ଏକ ପ୍ରାଥମିକ ବିଦ୍ୟାଳୟରେ ଜଣେ ୧୬ ବର୍ଷୀୟ ବାଳକ ଆଖବୁଜା ଗୁଳି ଚଳାଇଥିଲା। ଏଥିରେ ୩ ଜଣ ପିଲାଙ୍କ ସମେତ ୫ ଜଣ ଲୋକ ପ୍ରାଣ ହରାଇଥିଲେ । ପୀଡିତଙ୍କ ମଧ୍ୟରେ ଜଣେ ଶିକ୍ଷକ ମଧ୍ୟ ଅଛନ୍ତି । ପ୍ରତିଶୋଧମୂଳକ ଗୁଳିରେ ଆକ୍ରମଣକାରୀର ମଧ୍ୟ ମୃତ୍ୟୁ ହୋଇଥିଲା। ବେଣ୍ଡ ପୋଲିସ ମୁଖ୍ୟ ମାଇକ କ୍ରାନ୍ତଜ୍ କହିଛନ୍ତି ଯେ, ଗୁଳିକାଣ୍ଡର ରିପୋର୍ଟ ପାଇବାର କିଛି ମିନିଟ୍ ମଧ୍ୟରେ ପୋଲିସ ସ୍କୁଲ ଭିତରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମୃତ ଅବସ୍ଥାରେ ପାଇଲା। ବେଣ୍ଡ ପୋଲିସ ମୁଖ୍ୟ କ୍ରାନ୍ତଜ୍ କହିଛନ୍ତି ଯେ, ନିହତ ୩ ଜଣ ପିଲାଙ୍କ ବୟସ ୫, ୮ ଏବଂ ୧୧ । ଆଉ ଏକ ୭ ବର୍ଷୀୟ ପିଲା ଏବଂ ଜଣେ ୫୪ ବର୍ଷୀୟ ଶିକ୍ଷକ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଛି । ପୋଲିସ ଅନୁଯାୟୀ, ବେଣ୍ଡର ବାସିନ୍ଦା ଆକ୍ରମଣକାରୀ ବନ୍ଦ ଦ୍ୱାରରେ ଗୁଳି ଚଳାଇ ସ୍କୁଲ ଭିତରକୁ ଜୋରଜବରଦସ୍ତ ପ୍ରବେଶ କରିଥିଲେ । ପୋଲିସ ମୁଖପାତ୍ର ଶିଳା ମିଲର କହିଛନ୍ତି ଯେ ଅଧିକାରୀ ମାନେ ପହଞ୍ଚିବାର କିଛି ସମୟ ପରେ, ଆକ୍ରମଣକାରୀଙ୍କୁ ଗୁଳି କରାଯାଇଥିଲା ଏବଂ ସେ ସ୍କୁଲ ଭିତରେ ପଡ଼ିଯାଇଥିଲେ । କ୍ରାନ୍ତଜ୍ କହିଛନ୍ତି ଯେ ପ୍ରଥମ ୯୧୧ କଲ୍ ଅପରାହ୍ନ ୧ଟା ପୂର୍ବରୁ ଆସିଥିଲା । ସିଲଭର ରେଲ୍ ପ୍ରାଥମିକ ବିଦ୍ୟାଳୟ ବାହାରେ ଏକ କାରରେ ବସିଥିବା ଜଣେ ବ୍ୟକ୍ତିଙ୍କ କଲ୍ ଆସିଥିଲା, ଯିଏ ତାଙ୍କ ଉପରକୁ କେହି ଜଣେ ଲମ୍ବା ବନ୍ଧୁକ ଚଳାଇଥିବା ସୂଚନା ଦେଇଥିଲେ । ପୋଲିସ କହିଛି ଯେ ମୃତ୍ୟୁ ସଂଖ୍ୟା ବଢ଼ିପାରେ ।

## ଇରାନ ଉପରେ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ପ୍ରସ୍ତୁତି

### ମୈଦାନକୁ ଆସିବ 'ମଦର ଅଫ୍ ଅଲ୍ ବମ୍ବ'



**ନୂଆଦିଲ୍ଲୀ,୧୬।୧୦:** ଆମେରିକା ଇରାନ ଉପରେ ଏକ ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି । ଏହି ସମ୍ଭାବ୍ୟ ଆକ୍ରମଣରେ ଇରାନର କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯେପରିକି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଏବଂ ପରମାଣୁ ଘାଟିଗୁଡ଼ିକୁ ମୁଖ୍ୟ ଟାର୍ଗେଟ୍ କରାଯାଇପାରେ । ଏହି ଯୋଜନା ଅନୁଯାୟୀ, ଆମେରିକା ଇରାନ ଉପରେ ଏଇଟ-୪୩/ଇ 'ମାସିଭ୍ ଅର୍ଡନାନ୍ସ ଏୟାର ବ୍ଲାଷ୍ଟ' (ଗଡଂଇଇ) ବମ୍ ଦ୍ୱାରା ଆକ୍ରମଣ କରିପାରେ । ଏହି ବମ୍‌ର ପ୍ରଚଣ୍ଡ ଶକ୍ତି ଯୋଗୁଁ ଏହାକୁ ସବୁଠି ଚର୍ଚ୍ଚା କରାଯାଉଛି । ଏହାକୁ ସାଧାରଣତଃ 'ମଦର୍ ଅଫ୍ ଅଲ୍ ବମ୍ବ' ବୋଲି କୁହାଯାଏ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଯଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ସେନା ଅଭିଭାଷଣକୁ ମଞ୍ଜୁରୀ ଦିଅନ୍ତି, ତେବେ ଏହି ଶକ୍ତିଶାଳୀ ବମ୍‌ର ବ୍ୟବହାର କରାଯାଇପାରେ । ଏଥରର ଆକ୍ରମଣ ଅଧିକ ଭୟଙ୍କର ହେବ । ରିପୋର୍ଟ ମୁତାବକ, ଆକ୍ରମଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହେଉଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ଏହାକୁ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ଦେଇନାହାନ୍ତି । ପ୍ରଶାସନ ମଧ୍ୟ ଏହି ଯୋଜନା ସମ୍ପର୍କରେ କୌଣସି ପ୍ରକାର ସ୍ପଷ୍ଟୀକରଣ ଦେଇ ନାହିଁ । ହ୍ୱାଇଟ୍ ହାଉସର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ନିଜ ପାଇଁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି ଏବଂ ପରଦା ପଛରେ ଅନେକ ଗୁପ୍ତ ପ୍ରସ୍ତୁତି ମଧ୍ୟ ଚାଲିଛି । ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି-ଇରାନ ଯେପରି କୌଣସି ପରିସ୍ଥିତିରେ ବି ପରମାଣୁ ଅସ୍ତ୍ର ହାସଲ ନ କରିପାରୁ । ଇରାନ ଉପରେ ଯେଉଁ ବମ୍ ଦ୍ୱାରା ଆକ୍ରମଣର ପ୍ରସ୍ତୁତି ଚାଲିଛି, ତାହା କେତେ ଶକ୍ତିଶାଳୀ ଏବଂ ଏହା କିପରି ବିଧ୍ୱଂସ ଘଟାଇପାରେ, ତାହା ଜାଣିବା ଜରୁରୀ । ସର୍ବପ୍ରଥମେ, ଗଡଂଇଇ ହେଉଛି ଏକ ଅଣ-ପରମାଣୁ ବମ୍ । ଏହି ବମ୍ ଦ୍ୱାରା କୌଣସି ପରମାଣୁ ଆକ୍ରମଣ କରାଯାଏ ନାହିଁ । ତେଣୁ ପରମାଣୁ ବମ୍ ତୁଳନାରେ ଏହାର କ୍ଷୟକ୍ଷତି ପରିମାଣ କମ୍ ହେବ ।

# ଆଜି ଟ୍ରଫି ପାଇଁ ଲଢ଼େଇ : ବେଙ୍ଗାଲୁରୁରେ ବର୍ଷା ଚିନ୍ତା

ବେଙ୍ଗାଲୁରୁ,୧୬/୧୦: ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ବର୍ତ୍ତମାନ ଏକ ରୋମାଞ୍ଚକର ମୋଡ଼ରେ ପହଞ୍ଚିଛି। ୪ଟି ମ୍ୟାଚ୍ ଶେଷ ସୁଦ୍ଧା ସିରିଜ୍ ୨-୨ ସ୍ଥିତିରେ ବରାବର ରହିଥିବା ବେଳେ ଶନିବାର ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନ୍ତିମ ତଥା ନିର୍ଣ୍ଣାୟକ ମୁକାବିଲା ଖେଳାଯିବ।

ତେବେ ଏହି ମହାମୁକାବିଲା ପୂର୍ବରୁ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଆସିଛି ନିରାଶଜନକ ଖବର । ପ୍ରଥମ ୪ଟି ମ୍ୟାଚ୍‌ରେ ବର୍ଷା କୌଣସି ପ୍ରକାର ବାଧା ସୃଷ୍ଟି କରିନଥିବା ବେଳେ, ବେଙ୍ଗାଲୁରୁରେ ହେବାକୁ ଥିବା ପଞ୍ଚମ ମ୍ୟାଚ୍‌ରେ ବର୍ଷା ଖେଳ ବିଗାଡ଼ିପାରେ ବୋଲି ଆଶଙ୍କା କରାଯାଉଛି।

ପାଣିପାଗ ଆକଳନ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ମ୍ୟାଚ୍ ସମୟରେ ବେଙ୍ଗାଲୁରୁରେ ପ୍ରାୟ ୭୦ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବାକୁ ଥିବା ବେଳେ, ବିଶେଷ କରି ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କ୍ରମାଗତ ଭାବେ ବର୍ଷା ହେବାର ଆଶଙ୍କା ରହିଛି। ସନ୍ଧ୍ୟା ୬:୩୦ରେ ଟସ୍ ପୂର୍ବରୁ ମଧ୍ୟ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ।ଯଦିଓ ବର୍ଷାର ଆଶଙ୍କା ରହିଛି, ତଥାପି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମର 'ସବ୍-ଏୟାର' ଡ୍ରେନେଜ୍ ସିଷ୍ଟମ୍ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଏକ ବଡ଼ ଆଶ୍ୱାସନା। ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଯୋଗୁଁ ବର୍ଷା ଥମିବାର ମାତ୍ର ୧୦ ରୁ ୧୫ ମିନିଟ୍ ମଧ୍ୟରେ ପୂର୍ବ ପିଚ୍ ଓ ଆଉଟଫିଲ୍ଡ ସଂପୂର୍ଣ୍ଣ ଶୁଖିଯାଏ। ଫଳରେ ବର୍ଷା ଛାଡ଼ିବା ପରେ ମ୍ୟାଚ୍ ପୁଣି ଆରମ୍ଭ କରିବାରେ ଅଧିକ ସମୟ ନଷ୍ଟ ହୁଏନାହିଁ।




## ଫେରିଲେ ଭୁବନେଶ୍ୱର କୁମାର

ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପଞ୍ଚମ ତଥା ଶେଷ ମୁକାବିଲା ପୂର୍ବରୁ ଭାରତୀୟ ଦଳରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦଳର ପ୍ରମୁଖ ବାମହାତୀ ଦ୍ରୁତ ବୋଲର୍ ଅର୍ଶଦୀପ ସିଂହଙ୍କ କାନ୍ଧରେ ଆଘାତ ଲାଗିବା କାରଣରୁ ଭାରତୀୟ ସିନିୟର ଚୟନ କମିଟି ଅଭିଜ୍ଞ ସ୍ୱିଙ୍ଗ୍ ବୋଲର୍ ଭୁବନେଶ୍ୱର କୁମାରଙ୍କୁ ଜାତୀୟ ଦଳରେ ସାମିଲ କରିଛି।

ବର୍ତ୍ତମାନ ଏହି ସିରିଜ୍ ୨-୨ ସ୍ଥିତିରେ ରୋମାଞ୍ଚକର ମୋଡ଼ରେ ରହିଛି। ଦୁଇ ଦଳ ମଧ୍ୟରେ ଅନ୍ତିମ ନିର୍ଣ୍ଣାୟକ ମ୍ୟାଚ୍ ୧୭ ଅକ୍ଟୋବର ୨୦୨୬ରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ।

ବୁଧବାର ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ବ୍ୟାଟିଂ କରୁଥିବା ସମୟରେ ଅର୍ଶଦୀପ ସିଂହଙ୍କ ବୋଲିଂ କରୁଥିବା କାନ୍ଧରେ ବଲ୍ ବାଜିଥିଲା। ଆଘାତର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ମେଡିକାଲ୍ ଟିମ୍ ତାଙ୍କ ଉପରେ କଡ଼ା ନଜର ରଖିଛି। ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଶେଷ ମ୍ୟାଚ୍‌ର ପ୍ଲେଇଂ-୧୧ରେ ସେ ସାମିଲ ହେବେ କି ନାହିଁ, ସେ ନେଇ ଆସନ୍ତାକାଲି (୧୭ ଅକ୍ଟୋବର) ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ତାଙ୍କ ଫିଟ୍‌ନେସ୍ ଆଧାରରେ ଶେଷ ନିଷ୍ପତ୍ତି ନିଆଯିବ।

ଅନ୍ୟପଟେ ୩୬ ବର୍ଷୀୟ ଦ୍ରୁତ ବୋଲର୍ ଭୁବନେଶ୍ୱର କୁମାରଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ଭାବେ ଉଭା ହୋଇଛି। ନଭେମ୍ବର ୨୦୨୨ରୁ ସେ ଭାରତୀୟ ଦଳରୁ ବାହାରେ ରହିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇଛି। ଏଭଳି ପରିସ୍ଥିତିରେ ଦୀର୍ଘ ଦିନ ପରେ ସେ ପୁଣି ଥରେ ଆନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି।

## ଓଡ଼ିଶାରେ ମହିଳା ହକି ଦଳ



ଭୁବନେଶ୍ୱର,୧୬/୧୦: ସଦ୍ୟ ସମାପ୍ତ ଏସିଆନ୍ ଗେମ୍ସରେ ଭାରତୀୟ ହକି ଦଳ ଇତିହାସ ରଚିଥିଲେ । ଉଭୟ ମହିଳା ଏବଂ ପୁରୁଷ ହକି ଟିମ୍ ଏସିଆଡରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ । ଏହି ସଫଳତା ପାଇଁ ସୁନା ପୁଅ-ଝିଅଙ୍କୁ ସମ୍ବର୍ଦ୍ଧନା କରିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏ ନେଇ ଭାରତୀୟ ହକି ଦଳ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜେତା ହକି ଟିମ୍‌କୁ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି । ତାଙ୍କୁ ଓଡ଼ିଶାର ପାରମ୍ପରିକ ବାଜାରେ ସ୍ୱାଗତ କରାଯାଇଛି । ଜାପାନରେ ଆୟୋଜିତ ଏସିଆନ ଗେମ୍ସରେ ମାଲେସିଆକୁ ମାତ୍ ଦେଇ ଫାଇନାଲ୍ ମ୍ୟାଚ୍‌ରେ ୫-୧ ଗୋଲ୍‌ର ଦମଦାର୍ ବିଜୟ ହାସଲ କରିଥିଲା ଟିମ୍ ଇଣ୍ଡିଆ । ଏହି ବିଜୟ କେବଳ ଏକ ସ୍ୱର୍ଣ୍ଣ ପଦକ ନୁହେଁ, ବରଂ ଆଗାମୀ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ମଧ୍ୟ ହାସଲ କରିଥିଲା ଭାରତୀୟ ପୁରୁଷ ହକି ଟିମ୍ । ଏହି ବିଜୟର ସବୁଠାରୁ ବଡ଼ ଏବଂ ଗର୍ବର କଥା ହେଉଛି ଓଡ଼ିଶାର ଗୌରବ ! ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ଦଳର ଓଡ଼ିଆ ପୁଅ, ଷ୍ଟାର୍ ଫରୱାର୍ଡ ଶିଳାନନ୍ଦ ଲକ୍ରା ଏକ ଚମତ୍କାର ମାଷ୍ଟରକ୍ଲାସ୍ ଗୋଲ୍ କରି ଦଳର ବିଜୟକୁ ସମ୍ପୂର୍ଣ୍ଣ କରିଥିଲ । ସେହିପରି ଆମର ଅନ୍ୟତମ ପ୍ରତିଭାବାନ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଙ୍କ ଦୃଢ଼ ଡିଫେନ୍ସ ଏବଂ ଅଧିନାୟକ ହରମନପ୍ରୀତ ସିଂହଙ୍କ ଡ୍ରାଗ୍-ଫ୍ଲିକିଂ ଜାଦୁ ବଳରେ ମାଲେସିଆ ଟିମ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲା ଭାରତ ।




ଜିମ୍ବାୱେ ବିପକ୍ଷ ଟି୨୦ ସିରିଜରେ ନବାଗତା ନିକି ପ୍ରସାଦଙ୍କୁ କ୍ୟାପ୍ ପ୍ରଦାନ କରୁଛନ୍ତି ଅଧିନାୟିକା ସ୍ମୃତି ମନ୍ଧାନା।

# ଛାଡ଼ପତ୍ର ପରେ ନିଶାଗ୍ରସ୍ତ ହୋଇପଡ଼ିଥିଲେ ଚହଲ

ନୂଆଦିଲ୍ଲୀ,୧୬/୧୦; ଭାରତୀୟ ଦଳର ସ୍ପିନର ଯୁଜବେନ୍ଦ୍ର ଚହଲ ମଦ୍ୟପାନ, ଚିନ୍ତା ଏବଂ ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଅନେକ କଥାର ଖୁଲାସା କରିଛନ୍ତି । ଯୁଜବେନ୍ଦ୍ର ଚହଲ ଆକାଶ ଚୋପ୍ରାଙ୍କ ପୋଡକାଷ୍ଟରେ କହିଛନ୍ତି ଯେ, ସେ ମଦ୍ୟପାନ କରିବାରେ ନିଶାଗ୍ରସ୍ତ ଥିଲେ ଏବଂ ପ୍ୟାନିକ୍ ଆଟାକ୍‌ର ଶିକାର ହୋଇଥିଲେ । ଯୁଜବେନ୍ଦ୍ର ଚହଲ ୨୦୨୦ ରେ ଧନଶ୍ରୀ ବର୍ମାଙ୍କୁ ବିବାହ କରିଥିଲେ କିନ୍ତୁ ମାତ୍ର ଦୁଇ ବର୍ଷ ମଧ୍ୟରେ ଦୁହିଁଙ୍କ ମଧ୍ୟରେ ମତଭେଦ ହୋଇଥିଲା ଏବଂ ପରେ ୨୦୨୫ ରେ ଛାଡପତ୍ର ହୋଇଥିଲା । ଏସବୁ ମଧ୍ୟରେ ଯୁଜବେନ୍ଦ୍ର ଚହଲଙ୍କ ଅନ୍ତର୍ଜାତୀୟ କ୍ୟାରିୟର ମଧ୍ୟ ଶେଷ ହେବାକୁ ଯାଉଛି । ସେ ବର୍ତ୍ତମାନ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି କିନ୍ତୁ ଦଳଗୁଡିକ ଆଇପିଏଲ ଖେଳୁଛନ୍ତି । ଯାହା ତାଙ୍କୁ ଭଲ ପ୍ରଦର୍ଶନ କରିବାକୁ ପ୍ରେରଣା ଦେଇଥିଲା ।

ପୁନର୍ବାସ କେନ୍ଦ୍ରରେ ୨୬ ଦିନ ବିତାଇଥିଲେ- ପୂର୍ବତନ କ୍ରିକେଟର ଆକାଶ ଚୋପ୍ରାଙ୍କ ସହ ପୋଡକାଷ୍ଟରେ ଯୁଜବେନ୍ଦ୍ର ଚହଲ କହିଛନ୍ତି, 'ଏହା ଅତ୍ୟଧିକ ଥିଲା, ଏହା ସୀମା ବାହାରକୁ ଚାଲିଗଲା । ମୁଁ ପୁନର୍ବାସ କେନ୍ଦ୍ରକୁ ଗଲି, ଯେଉଁଠାରେ ମୁଁ ୨୬ ଦିନ ରହିଲି । ବର୍ତ୍ତମାନ ମୁଁ ଜାଣେ କିପରି ମଦ୍ୟପାନ ପରିଚାଳନା କରାଯାଏ । କ'ଣ କରିବାକୁ ହେବ ଏବଂ ଜିନିଷଗୁଡିକ କିପରି କାର୍ଯ୍ୟ କରେ । ଏହା ମୋ ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିଲା । ମୋର ବ୍ୟକ୍ତିଗତ ଜୀବନରେ ମଧ୍ୟ, ମୁଁ ଜିନିଷଗୁଡ଼ିକୁ ଅଧିକ ବୁଦ୍ଧିମାନ ଭାବରେ ବୁଝିବାକୁ ଲାଗିଲି । ମୋର ଭାବନା ଟିକେ ଶାନ୍ତ ହୋଇଛି । ଭାବନା ତଥାପି ଅଛି, କିନ୍ତୁ ବର୍ତ୍ତମାନ ସେମାନେ ପ୍ରତ୍ୟେକ ଛୋଟ ଜିନିଷ ଉପରେ ବାହାରକୁ ଆସନ୍ତି ନାହିଁ । ମୁଁ ସେମାନଙ୍କୁ ଭଲ ଭାବରେ ପରିଚାଳନା କରିପାରିବି । ଗତବର୍ଷ ଆଇପିଏଲ୍‌ରେ ମୁଁ ଅନୁଭବ କଲି ଯେ ମୋ ଶରୀର ପୁଣି ୩୦ ବର୍ଷ ବୟସ୍କ ପରି ହୋଇଯାଇଛି। ମୁଁ ଜିମ୍, ଫିଲ୍ଡିଂ ଏବଂ ପ୍ରଶିକ୍ଷଣ ଭଲ କରିବା ଆରମ୍ଭ କଲି । ମୁଁ ଅନୁଭବ କଲି ଯେ ଏହି ଖରାପ ଅଭ୍ୟାସ ମୋ ଜୀବନରୁ ବାହାରିବା ମାତ୍ରେ ସବୁକିଛି ଠିକ୍ ହୋଇଗଲା।''

ଏବି ଡି'ଭିଲିୟର୍ସଙ୍କ ପରାମର୍ଶ- ଚହଲ କହିଛନ୍ତି ଯେ, ଯେତେବେଳେ ସେ ବହୁତ ଛୋଟ ଥିଲେ, ସେତେବେଳେ ତାଙ୍କୁ ମଦ ସମ୍ବନ୍ଧୀୟ ସମସ୍ୟା ଆରମ୍ଭ ହୋଇଥିଲା । 'ଆରମ୍ଭରେ, ଆମେ ପାର୍ଟିରେ ମଦ୍ୟପାନ କରୁଥିଲୁ । ୨୦୧୧ରେ ଯେତେବେଳେ ଆଇପିଏଲ୍ ଆସିଲା, ସେତେବେଳେ ଆମେ ତିନି ବର୍ଷ ଧରି ବହୁତ ପାର୍ଟି କରିଥିଲୁ । ଏହା ଏକ ପର୍ଯ୍ୟାୟ ଥିଲା । କିନ୍ତୁ ଆପଣ ପଢ଼ିବା କିମ୍ବା ଶିଖିବା ପର୍ଯ୍ୟନ୍ତ ଆପଣ ଏହି ସବୁ ଜିନିଷ ବୁଝିପାରିବେ ନାହିଁ, ଅଧିକ କରିବା କ୍ଷତିକାରକ ଅଟେ । ଏବି ଡି'ଭିଲିୟର୍ସ ସାର୍ ଥରେ ମୋତେ କହିଥିଲେ ଯେ ଆପଣ ଜୀବନରେ ଯାହା ବି କରନ୍ତି, ସନ୍ତୁଳନ ରଖିବା ଜରୁରୀ ଅଟେ। ଏହା ସହଜ ଲାଗୁଛି କିନ୍ତୁ ଯେତେବେଳେ ଆପଣ ପ୍ରକୃତରେ ଏହା କରନ୍ତି, ସବୁକିଛି ସନ୍ତୁଳିତ କରିବା ବହୁତ କଷ୍ଟକର । 'ଯଦି ଆପଣ ଟିକିଏ ସନ୍ତୁଳନ କରିପାରିବେ, ତେବେ ଏହା ଭଲ । ''

କ୍ରିକେଟ୍ ପାଇଁ ବଦ ଅଭ୍ୟାସ ଛାଡିଲି- ଚହଲ ଆହୁରି କହିଛନ୍ତି, 'ଛାଡପତ୍ର ପରେ ମୋର ମାନସିକ ଅବସ୍ଥା ଭଲ ନଥିଲା, ଏହା ସୀମାକୁ ବୃଦ୍ଧି ପାଇଥିଲା। ତା'ପରେ ଦିନେ ମୁଁ ଅନୁଭବ କଲି ଯେ ଯଦି ମୁଁ ଏହା ଜାରି ରଖେ, ତେବେ ମୁଁ ସବୁଠାରୁ ଅଧିକ ଭଲ ପାଉଥିବା ଜିନିଷ (କ୍ରିକେଟ୍) କଦାପି ବଞ୍ଚିବ ନାହିଁ। ମୁଁ ଭାବିଲି ଏହା କ୍ରିକେଟ୍ ଉପରେ ପ୍ରଭାବ ପକାଉଛିୟ। କାରଣ ମୁଁ ମାନସିକ ସ୍ତରରେ ଶକ୍ତିଶାଳୀ ଥିଲି, ଏହା ପ୍ରଦର୍ଶନକୁ ପ୍ରଭାବିତ କରିନଥିଲା କିନ୍ତୁ ମୁଁ ଭଲ କରିପାରିଥାନ୍ତେ। ମୋ ଶରୀର ଭଲ ସ୍ଥିତିରେ ରହିପାରେ ।




## ସିନିୟର ମହିଳା ଟି-୨୦ ଟ୍ରଫି: ଓଡ଼ିଶା ଦଳ ଘୋଷିତ

କଟକ,୧୬।୧୦ : ବିସିସିଆଇର ୨୦୨୬-୨୭ ଘରୋଇ କ୍ରିକେଟ୍ ଋତୁର ସିନିୟର ମହିଳା ଟି-୨୦ ଟ୍ରଫି ପାଇଁ ଓଡ଼ିଶାର ୧୭ ଜଣିଆ ଦଳ ଘୋଷଣା କରିଛି ଓସିଏ। ସୁଶ୍ରୀ ଦିବ୍ୟଦର୍ଶିନୀ ଅଧିନାୟିକା ଓ ସୁଭ୍ରା ନିର୍ଝରିଣୀ ସ୍ୱାଇଁ ଉପଅଧିନାୟିକା ଦାୟିତ୍ୱ ପାଇଛନ୍ତି।

ଦଳରେ ଆଲିସ୍ପା ବିଶ୍ୱାଳ, ଅନନ୍ୟା ମିଶ୍ର, ଜି.ଏମ୍. ଅଳକାନନ୍ଦା, ଜ୍ୟୋତି କୁମାରୀ ପ୍ରସାଦ, ଲକ୍ଷ୍ମୀପ୍ରିୟା ନାୟକ, ଲୁଇସା ଦାସ, ମାଧୁରୀ ମେହେଟା, ମୋନାଲିସା ରାଉତ, ପ୍ରଜ୍ଞା ପରମିତା ମହାନ୍ତି, ରୀମାଲକ୍ଷ୍ମୀ ଏକ୍କା, ଏସ୍.ବି. ଲରେନ୍ସ, ଶିକ୍ଷା ସ୍ୱାଇଁ, ସୁଶ୍ରୀ ଦିବ୍ୟଦର୍ଶିନୀ, ସୁଭ୍ରା ନିର୍ଝରିଣୀ ସ୍ୱାଇଁ, ତନ୍ମୟୀ ବେହେରା, ତରନ୍ନା ପ୍ରଧାନ ଓ ସୁଜାତା ମଲ୍ଲିକ ସ୍ଥାନ ପାଇଛନ୍ତି।

ଓଡ଼ିଶା ଅକ୍ଟୋବର ୨୬ରେ ଆନ୍ଧ୍ର ବିପକ୍ଷରୁ ଅଭିଯାନ ଆରମ୍ଭ କରି ଅକ୍ଟୋବର ୨୭ରେ ହିମାଚଳ ପ୍ରଦେଶ, ୨୯ରେ ସୌରାଷ୍ଟ୍ର, ୩୧ରେ ବରୋଦା, ନଭେମ୍ବର ୨ରେ ମଧ୍ୟପ୍ରଦେଶ, ୪ରେ ହରିୟାଣା ଓ ୬ରେ ରାଜସ୍ଥାନକୁ ଭେଟିବ। ମ୍ୟାଚ୍‌ଗୁଡ଼ିକ ମୋହାଲି ଓ ନ୍ୟୁ ଚଣ୍ଡୀଗଡ଼ରେ ଖେଳାଯିବ।

## ମ୍ୟାଚ୍ ଫିକ୍ସିଂରେ ଧରାପଡ଼ିଲେ ଟେନିସ ଖେଳାଳି

ନୂଆଦିଲ୍ଲୀ,୧୬।୧୦: ଟେନିସ ଜଗତରେ ମ୍ୟାଚ ଫିକ୍ସିଂକୁ ନେଇ ପୁଣି ଚର୍ଚ୍ଚା। ସର୍ବିଆର ଟେନିସ ଖେଳାଳି ଷ୍ଟିଫନ ମିଲିସେଭିଚ୍‌ଙ୍କୁ ୨୪ ବର୍ଷ ପାଇଁ ବାସନ୍ଦ କରାଯାଇଥିବା ଖବର ସାମ୍ନାକୁ ଆସିଛି। ତାଙ୍କ ବିରୋଧରେ ମ୍ୟାଚ ଫିକ୍ସିଂ ସହ ଅନ୍ୟ ଖେଳାଳିଙ୍କୁ ଏକ ଦୁର୍ନୀତିଗ୍ରସ୍ତ ନେଟୱର୍କରେ ସାମିଲ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ରହିଛି। ଏହା ସହ ତାଙ୍କ ଉପରେ ୭୦ ହଜାର ଆମେରିକୀୟ ଡଲାର ଜରିମାନା ମଧ୍ୟ ଲଗାଯାଇଥିବା ରିପୋର୍ଟରେ ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ, ମିଲିସେଭିଚ୍‌କୁ ଉପରେ ୬ଟି ମ୍ୟାଚ ଫିକ୍ସ କରିଥିବା ଅଭିଯୋଗ ରହିଛି। ସେଥିମଧ୍ୟରୁ ୫ଟି ମ୍ୟାଚ୍‌ରେ ସେ ନିଜେ ଖେଳିଥିବା କୁହାଯାଉଛି। ଏହାବ୍ୟତୀତ, ୨୦୨୨ରୁ ୨୦୨୪ ମଧ୍ୟରେ ଆଉ ୬ଟି ମ୍ୟାଚ ଫିକ୍ସ କରିବାକୁ ଯୋଜନା ଥିବା ଅଭିଯୋଗ ମଧ୍ୟ ରହିଛି। ଅନ୍ୟ ଖେଳାଳିଙ୍କୁ ଏହି ନେଟୱର୍କ ସହ ଯୋଡ଼ିବାକୁ ସେ ଚେଷ୍ଟା କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ତର୍ଜାତୀୟ ଟେନିସ ଇଣ୍ଟେଗ୍ରିଟି ଏଜେନ୍ସି (ଓଈଓଇ) ଏହି ମାମଲାର ତଦନ୍ତ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଏଜେନ୍ସି ପକ୍ଷରୁ ୭ଥର ଯୋଗାଯୋଗ କରାଯାଇଥିଲେ ମଧ୍ୟ ମିଲିସେଭିଚ ତଦନ୍ତରେ ସହଯୋଗ କରି ନ ଥିବା ଦାବି କରାଯାଇଛି। ତଦନ୍ତ ଶେଷ ହେବା ପରେ ତାଙ୍କୁ ଗୁରୁତର ଉଲ୍ଲଂଘନ ସମ୍ପର୍କରେ ନୋଟିସ ପଠାଯାଇଥିଲା। କିନ୍ତୁ ଏହାର ଉତ୍ତର ନମିଳିବା ପରେ ନିୟମ ଅନୁଯାୟୀ ଦଣ୍ଡ ଘୋଷଣା କରାଯାଇଥିବା ରିପୋର୍ଟରେ କୁହାଯାଇଛି।

## ପୁନମ ରାଉତଙ୍କ ଅବସର




ନୂଆଦିଲ୍ଲୀ,୧୬/୧୦; ଭାରତୀୟ ମହିଳା କ୍ରିକେଟ୍ ଦଳର ଭେଟେରାନ ବ୍ୟାଟର ପୁନମ ରାଉତ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସେ ସୋସିଆଲ୍ ମିଡିଆ ଇନ୍‌ଷ୍ଟାଗ୍ରାମରେ ଏକ ଲମ୍ବା ପୋଷ୍ଟ କରି ଦୀର୍ଘ ୧୦ବର୍ଷର କ୍ୟାରିୟରରେ ପୂର୍ଣ୍ଣଛେଦ ପକାଇଛନ୍ତି । ପୁନମ ୭୩ଟି ଦିନିକିଆ ଖେଳାଳି ୨୨୨୯ (୩ ଶତକ, ୧୫ ଅର୍ଦ୍ଧଶତକ) ରନ୍ କରିଥିବାବେଳେ ୪ଟି ଟେଷ୍ଟ ଖେଳି ୨୬୪ (୧ ଶତକ) ରନ୍ ଓ ୩୫ଟି ଟି-ଟ୍ୱେଣ୍ଟିରେ ୭୧୯ (୪ ଅର୍ଦ୍ଧଶତକ) ରନ୍ ସଂଗ୍ରହ କରିଥିଲେ । ସେ ୨୦୦୯ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ସେହିପରି ୨୦୨୧ରେ ଇଂଲଣ୍ଡ ବିପକ୍ଷରେ ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ । ଏହାପରଠୁ ତାଙ୍କୁ ଭାରତୀୟ ଦଳରୁ ଅଣଦେଖା କରାଯାଇ ଆସୁଥିଲା ।

୩୭ ବର୍ଷୀୟ ପୁନମ ୨୦୧୭ ଦିନିକିଆ ବିଶ୍ୱକପ୍ ରନର୍ସ ଅପ୍ ଭାରତୀୟ ଦଳର ସଦସ୍ୟା ରହିଥିଲେ । ଇଂଲଣ୍ଡ ବିପକ୍ଷ ଫାଇନାଲ୍ ମୁକାବିଲାରେ ସେ ୮୬ରନ୍‌ର ଧୂଆଁଧାର ପାଳି ଖେଳିଥିଲେ ହେଁ ଦଳକୁ ଚାମ୍ପିଅନ୍ କରାଇ ପାରିନଥିଲେ । ଉକ୍ତ ମ୍ୟାଚ୍‌ରେ ଭାରତ ୯ ରନ୍‌ରେ ପରାଜିତ ହୋଇଥିଲା । ପୁନମ ବିଶ୍ୱକପ୍‌ରେ ମୋଟ ୩୮୧ ରନ୍ ସଂଗ୍ରହ କରିଥିଲେ । ଆୟର୍ଲାଣ୍ଡ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ସେ ୧୦୯ରନ୍ କରିଥିଲେ ଏବଂ ଦୀପ୍ତି ଶର୍ମାଙ୍କ ସହ ମିଶି ୩୨୦ରନ୍‌ରେ ଓପନିଂ ଭାଗିଦାରୀ ଗଠନ କରିଥିଲେ । ୨୦୦୯ରେ ଭାରତୀୟ ମହିଳା ଦଳ ପାଇଁ ଡେବ୍ୟୁ କରିଥିବା ପୁନମ ରାଉତ ଗତ ୫ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିଥିଲେ । ଏଥିସହ ସେ ଘରୋଇ କ୍ରିକେଟରେ ସେତେଟା ସକ୍ରିୟ ନଥିଲେ । ପୁନମଙ୍କ କ୍ୟାରିୟର ବିଷୟରେ କହିବାକୁ ଗଲେ ସେ ୨୦୦୯ରେ ଦିନିକିଆ କ୍ରିକେଟରେ ଡେବ୍ୟୁ କରିଥିଲେ । ପୁନମଙ୍କ ଟି-୨୦ କ୍ୟାରିୟରରେ ୨୦୧୪ରେ ବ୍ରେକ୍ ଲାଗିଥିଲା ।

### ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନସିପ୍

## ବିଶ୍ୱଜିତ୍‌ଙ୍କୁ ଐତିହାସିକ ରୌପ୍ୟ

ନୂଆଦିଲ୍ଲୀ,୧୬।୧୦: ଭାରତୀୟ କୁସ୍ତିଯୋଦ୍ଧା ବିଶ୍ୱଜିତ ରାମଚନ୍ଦ୍ର ମୋରେ ଇତିହାସ ସୃଷ୍ଟି କରିଛନ୍ତି। ଗୁରୁବାର ଦିନ ଲାସ୍ ଭେଗାସ୍‌ରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନସିପ୍ ରେ, ବିଶ୍ୱଜିତ ମୋରେ ପୁରୁଷଙ୍କ ୫୫ କିଲୋଗ୍ରାମ ଗ୍ରେକୋ-ରୋମାନ୍ ବିଭାଗରେ ରୌପ୍ୟ ପଦକ ଜିତିଛନ୍ତି। ଏହି ବର୍ଗରେ ରୌପ୍ୟ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଖେଳାଳି ।




ବିଶ୍ୱଜିତ 'ୟୁ-୨୩ ବିଶ୍ୱ ଚାମ୍ପିୟନସିପ୍'ର ଗ୍ରେକୋ-ରୋମାନ୍ କୁସ୍ତିରେ ରୌପ୍ୟ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ କୁସ୍ତିଯୋଦ୍ଧା ହୋଇଛନ୍ତି । ଫାଇନାଲ୍ ମୁକାବିଲାରେ ବିଶ୍ୱଜିତ ଜର୍ଜିଆର କୋବା କାରୁମିଡଜେଙ୍କ ଠାରୁ ୧୨-୧୩ ବ୍ୟବଧାନରେ ଅଳ୍ପ ପାର୍ଥକ୍ୟରେ ପରାଜିତ ହୋଇଥିଲେ।

ଏହି ଭାରତୀୟ କୁସ୍ତିଯୋଦ୍ଧା ତିନୋଟି କଠିନ ମୁକାବିଲାରେ ବିଜୟୀ ହୋଇ ଫାଇନାଲରେ ନିଜ ସ୍ଥାନ ସୁନିଶ୍ଚିତ କରିଥିଲେ। ସେ ପ୍ରଥମେ ମେକ୍ସିକୋର ଆଇଜାକ୍ ମାରିନ୍ ମାଟାଙ୍କୁ ୧୦-୮ ବ୍ୟବଧାନରେ ପରାସ୍ତ କରିଥିଲେ ଏବଂ ପରେ ଇରାନର ୟୁ-୨୦ ବିଶ୍ୱ ଚାମ୍ପିୟନ ଆର୍ମିନ୍ ଶାମସିପୁରଙ୍କୁ ୮-୧ ବ୍ୟବଧାନରେ ପରାସ୍ତ କରିଥିଲେ। ବିଶ୍ୱଜିତ ପୂର୍ବରୁ ଏହି ସମାନ ପ୍ରତିଯୋଗିତାରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। 'ୟୁ-୨୩ ବିଶ୍ୱ ଚାମ୍ପିୟନସିପ୍'ରେ ଦୁଇଟି ପଦକ ଜିତିବାରେ ସେ ଏକମାତ୍ର ଭାରତୀୟ ଗ୍ରେକୋ-ରୋମାନ୍ କୁସ୍ତିଯୋଦ୍ଧା ଅଟନ୍ତି ।

# ଭାରତ ବିପକ୍ଷ ସିରିଜରୁ ୱେଷ୍ଟଇଣ୍ଡିଜକୁ ମିଳିବନି ଲାଭ

ନୂଆଦିଲ୍ଲୀ,୧୬।୧୦: ୱେଷ୍ଟଇଣ୍ଡିଜର ଭାରତ ଗସ୍ତ ବର୍ତ୍ତମାନ ପର୍ଯ୍ୟନ୍ତ ଆକର୍ଷଣୀୟ ରହିଛି, ଯେଉଁଥିରେ ଗୋଟିଏ ପରେ ଗୋଟିଏ ଆକର୍ଷଣୀୟ ମ୍ୟାଚ୍ ଦେଖିବାକୁ ମିଳୁଛି। ଦିନିକିଆରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ କ୍ରେଜ୍ ଥିଲା, ଟି୨୦ ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଚର୍ଚ୍ଚା ଲାଗିରହିଥିଲା, କିନ୍ତୁ ତାଙ୍କୁ ଖେଳାଯାଇନଥିଲା। ଉଭୟ ଟିମର ବ୍ୟାଟରମାନେ ଢେର ରନ୍ କରିଥିଲେ। ଟି୨୦ର ତିନୋଟି ମ୍ୟାଚରେ ଉଭୟ ଦଳ ୨୦୦ ରୁ ଅଧିକ ରନ୍ କରିଛନ୍ତି। ବିସିସିଆଇ ମଧ୍ୟ ଏହି ସିରିଜର ଢେର ଆୟ କରିଥିବ, କିନ୍ତୁ ୱେଷ୍ଟ ଇଣ୍ଡିଜ ଦଳକୁ କିଛି ମିଳିନଥିବ। କ୍ରିକେଟ ୱେଷ୍ଟଇଣ୍ଡିଜର ସିଇଓ ଆୟ କରିବାର ଏହି ମଡେଲକୁ ନେଇ ସମାଲୋଚନା କରିଛନ୍ତି।

କ୍ରିକେଟ୍ ୱେଷ୍ଟ ଇଣ୍ଡିଜର ସିଇଓ କ୍ରିସ୍ ଡେହରିଂ, ଦ୍ୱିପାକ୍ଷିକ କ୍ରିକେଟ୍ ପାଇଁ ଥିବା ରାଜସ୍ୱ ମଡେଲକୁ ସମାଲୋଚନା କରିଛନ୍ତି। ଏହି ମଡେଲ ଅନୁଯାୟୀ, ଗୋଟିଏ ସିରିଜରୁ ହେଉଥିବା ସମସ୍ତ ଆୟ (୧୦୦ ପ୍ରତିଶତ) ଆୟୋଜକ ଦେଶ ନିଜ ପାଖରେ ରଖିଥାଏ। ବର୍ତ୍ତମାନ ଚାଲିଥିବା ସିରିଜ୍‌ର ଉଦାହରଣ ଦେଇ ସେ କହିଛନ୍ତି ଯେ, ଏଥିରୁ ତାଙ୍କ ଦେଶକୁ କିଛି ବି ମିଳିବ ନାହିଁ, ଯଦିଓ ଏହି ସିରିଜରୁ ୨୦ ରୁ ୩୦ ମିଲିୟନ ଆମେରିକୀୟ ଡଲାର ଆୟ ହେବାର ସମ୍ଭାବନା ରହିଛି।

'ଦି ସ୍କୁପ୍' ସହ ଏକ ଆଲୋଚନାରେ ଡେହରିଂ କହିଛନ୍ତି ଯେ, ୧୯୯୭ ମସିହାରେ ଗ୍ରହଣ କରାଯାଇଥିବା ଏହି ମଡେଲ୍ କାରିବିଆନ୍ ଅଞ୍ଚଳରେ କ୍ରିକେଟର ଅବନତିର ଆରମ୍ଭ କରିଥିଲା।




ସେ କହିଲେ, 'ଭାରତରେ ଆୟୋଜିତ ହେଉଥିବା ଏକ ସିରିଜରୁ ସେମାନଙ୍କୁ କିଛି ବି ମିଳେ ନାହିଁ, ଯେଉଁ ସିରିଜରୁ ୨୦ ରୁ ୩୦ ମିଲିୟନ ଡଲାର ଆୟ ହୋଇପାରେ, ତଥାପି ସେହି ସିରିଜରୁ ବୋର୍ଡକୁ ଏହି ରାଜସ୍ୱରୁ କୌଣସି ଅଂଶ ମିଳେ ନାହିଁ।'

ସେ ଆହୁରି ମଧ୍ୟ କହିଛନ୍ତି,' ଏହାକୁ ବୁଝିବାକୁ ହେଲେ ୧୯୯୭କୁ ଯିବାକୁ ହେବ। ଯେତେବେଳେ ଆଇସିସି ସଦସ୍ୟ ଦେଶ ଏହି ଆର୍ଥିକ ମଡେଲକୁ ପରିବର୍ତ୍ତନ କରିବାକୁ ଭୋଟ କରିଥିଲା, ଯେଉଁଥିରେ ବିଶ୍ୱ କ୍ରିକେଟ ଅଟଳ ଥିବା ବେଳେ ମୁଁ ମଧ୍ୟ ସେଠାରେ ଥିଲି। ସେତେବେଳ ପର୍ଯ୍ୟନ୍ତ ଓ୍ୱେଷ୍ଟ ଇଣ୍ଡିଜ ଟିମର ବହୁତ ପ୍ରଭାବ ଥିଲା। ଅନେକ ଦେଶ ଆମ ଦେଶକୁ ଆସି ଖେଳିବାକୁ ଚାହୁଁଥିଲେ। ଆମକୁ ମିଳିଥିବା 'ଟୁରିଂ ଫି' (ଗସ୍ତ ଶୁଳ୍କ), କାରିବିଆନରେ ଏକ ସିରିଜ୍ ଆୟୋଜନ କରି ମିଳିଥିବା ଆୟ ତୁଳନାରେ ବହୁତ ଅଧିକ ଥିଲା।

ସେହି ନିଷ୍ପତ୍ତିକୁ ଭୁଲ୍ ବୋଲି ଦର୍ଶାଇ କ୍ରିସ୍ ଡେହରିଂ କହିଛନ୍ତି, 'ଆଇସିସିର ସଦସ୍ୟ ରାଷ୍ଟ୍ରଗୁଡ଼ିକ ୯-୧ ଭୋଟ୍ ବ୍ୟବଧାନରେ ଆମ ବିରୋଧରେ ରାୟ ଦେଇଥିଲେ।' ସେ ବୁଝାଇ କହିଲେ ଯେ, ଭାରତ ନିଜର ବିଶାଳ ଜନସଂଖ୍ୟା ବଳରେ ନିଜ ଅଞ୍ଚଳରୁ ଆସୁଥିବା ରାଜସ୍ୱ ନିଜ ପାଖରେ ରଖିବାକୁ ସକ୍ଷମ ଅଟେ। ସେହିଭଳି, ୱେଷ୍ଟ ଇଣ୍ଡିଜ୍ ମଧ୍ୟ ଆଣ୍ଟିଗୁଆ (ଯେଉଁଠାରେ ପ୍ରାୟ ୧ ଲକ୍ଷ ଲୋକ ବାସ କରନ୍ତି) କିମ୍ବା ସେଣ୍ଟ କିଟ୍ସ (ଯେଉଁଠାରେ ପ୍ରାୟ ୩୦ ହଜାର ଲୋକ ଅଛନ୍ତି) ଭଳି ସ୍ଥାନରୁ ମିଳୁଥିବା ରାଜସ୍ୱ ନିଜ ପାଖରେ ରଖିପାରିବ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,